## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଗଞ୍ଜାମ ବିଜେଡିର ବିଷୋଦ୍‌ଗାର

# ଅପରାଧ ନିୟନ୍ତ୍ରଣର ଶିକୁଳି ଫିଟିଯାଇଛି: ଚନ୍ଦ୍ରଶେଖର

ବ୍ରହ୍ମପୁର,୧୨।୫(ସମିସ)



ଡବଲ ଇଂଜିନ ସରକାରରେ ରାଜ୍ୟରେ ଆଇନ କିମ୍ବା ଶୃଙ୍ଖଳା କିଛିବି ନାହିଁ। ମହିଳା ଓ ଶିଶୁଙ୍କ ଉପରେ ଦିନକୁ ଦିନ ବଢିଚାଲିଛି ନିର୍ଯାତନା। ବୃଦ୍ଧି ପାଇଛି ଅରାଜକତା। ଗଞ୍ଜାମ ଜିଲ୍ଲାରେ ଖାସ କରି ମାସକରେ ୧୧ଟି ହତ୍ୟା ଘଟଣା ସହିତ ବହୁ ଅପରାଧିକ ଘଟଣା ଘଟିସାରିଛି। ପୂର୍ବ ସରକାର ଅମଳରରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନିୟନ୍ତ୍ରଣ ରହିଥିବା ବେଳେ ବର୍ତ୍ତମାନ ସବୁକିଛି ଲଗାମଛଡା ହୋଇଯାଇଛି। ବିରୋଧୀ ଦଳର ନେତା ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଖୋଦ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ରକୁ ଚିଠି ଲେଖିଛନ୍ତି।

**■ ସରକାରଙ୍କ ଅପାରଗତା ଯୋଗୁ ଅପରାଧୀ ଲଗାମଛଡ଼ା: ମେୟର**

**■ ଖୁବ୍‌ଶୀଘ୍ର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଘେରଉ: ପୂର୍ଣ୍ଣ**

ଏପରିକି ପ୍ରତ୍ୟେକଟି ସମ୍ବେଦନଶୀଳ ଘଟଣାରେ ନିଜର ସ୍ୱର ଉତ୍ତୋଳନ କରି ସ୍ପଷ୍ଟ ଆଭିମୁଖ୍ୟ ରଖିଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ସରକାରକୁ ତାଗିଦ କରିବା ସମୟ ଆସିଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ବିରୋଧୀ ଦଳ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ଯାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ୫ଟି ସ୍ଥାନରେ ଆଜି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ବିଜେଡି ସମସ୍ତ ଘଟଣାକୁ ନିନ୍ଦା କରିଛି। କେବଳ ଗଞ୍ଜାମ କାହିଁକି ଗତ କିଛିଦିନ ଭିତରେ ସମଗ୍ର ରାଜ୍ୟରେ ଘଟିଯାଇଥିବା ବିଭିନ୍ନ ଚର୍ଚ୍ଚିତ ଘଟଣାର ଉଦାହରଣ ଦେଇ ଗଞ୍ଜାମ ବିଜେଡି ପକ୍ଷରୁ ସରକାର ନୈତିକତା ଦୃଷ୍ଟିରୁ ଶାସନ କ୍ଷମତାରୁ ଓହରିଯିବା ଉଚିତ ବୋଲି ବହୁ ନେତା ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକ ନିକଟସ୍ଥ ରାଜସ୍ୱ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତାମାନେ ନିଜନିଜର ମତ ରଖିବା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ରାଜ୍ୟର ତଥା ଜିଲ୍ଲାର ଆଇନଶୃଙ୍ଖଳାକୁ ନେଇ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ସୂଚନା ଦେଇଛନ୍ତି ପୂର୍ବତନ ସୋରଡା ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱାଇଁ।

ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଆସିକା ସାଂସଦ ପ୍ରାର୍ଥୀନୀ ରଂଜିତା ସାହୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, କର୍ପୋରେଟର ସୋନାଲି ଗନ୍ତାୟତ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ପୂର୍ବତନ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସୁଜାତା ପାତ୍ର, ନିହାର ଶତପଥୀ, ମନୋଜ ମହାପାତ୍ର ଓ ନୀଳମଣି ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚର୍ଚ୍ଚାରେ ପୁଲିସ ଅଧିକାରୀଙ୍କ 'ଗେରୁଆ' ପ୍ରୀତି



ବ୍ରହ୍ମପୁର,୧୨।୫(ସମିସ): ନେତାଙ୍କୁ ଖୁସି କରିବାକୁ ଯାଇ ଜଣେ ସରକାରୀ ସେପୁଣି ପୁଲିସ ବିଭାଗର ବାବୁଙ୍କ 'ଗେରୁଆ' ପ୍ରିତୀକୁ ନେଇ ସମଗ୍ର ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାଲିଛାଇ ଅଞ୍ଚଳରେ। ଗତ ୧୦ତାରିଖରେ ଶାସକ ବିଜେପି ଦଳ ପକ୍ଷରୁ ଆୟୋଜିତ ଜନ ଆକ୍ରୋଶ କାର୍ଯ୍ୟକ୍ରମରେ। ଆସିକା ବିଜେପି ବିଧାୟକ ସରୋଜ ପାଢୀଙ୍କ ନେତୃତ୍ୱରେ

**● ମଞ୍ଚ, ଶୋଭାଯାତ୍ରାରେ ଓ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଲେ ପୁଲିସ ଅଧିକାରୀ**

**● ବାଲିଛାଇ ଫାଣ୍ଡି ଅଧିକାରୀ ବୈକୁଣ୍ଠ ଜେନାଙ୍କ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ**

ବିଜେପି ପକ୍ଷରୁ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ତେବେ ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି ଶାସକ ଦଳର ଏହି ଦଳୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବାଲିଛାଇ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଜେନାଙ୍କ ସକ୍ରିୟ ସାମିଲକୁ ନେଇ। ନିଜେ ଜଣେ ସରକାରୀ ଅଧିକାରୀ ହୋଇ ପୁଲିସ ପୋଷାକରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଦଳୀୟ ଉତ୍ତରୀୟ ପରିଧାନ କରି ସଭାମଞ୍ଚରେ ବସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଯଦି ଜଣେ ପୁଲିସ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ଦଳ ପ୍ରତି ସର୍ବସାଧାରଣରେ ଆନୁଗତ୍ୟ ପ୍ରକାଶ କରେ ତେବେ ଜନସାଧାରଣ ତାଙ୍କ ଠାରୁ କିଭଳି ନ୍ୟାୟ ପାଇବେ ବୋଲି ପ୍ରଶ୍ନ ଉଠିଛି। ଏନେଇ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଅଭିଯୋଗ କରିବା ସହିତ ରାଜ୍ୟ ଗୃହମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ଆଇଜି ଏବଂ ଗଞ୍ଜାମ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତୁରନ୍ତ ଏଭଳି ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫାଉଣ୍ଡେସନ କୋର୍ସ ଉଦ୍‌ଯାପିତ

ବ୍ରହ୍ମପୁର,୧୨।୫(ସମିସ): ସ୍ଥାନୀୟ ସରସତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ପରିଚାଳନା ସମିତିର ସଭାପତି ଡ ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଫାଉଣ୍ଡେସନ୍ କୋର୍ସ - ୨୦୨୬ର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦୁଇମାସ ଧରି ଚାଲିଥିବା ଏହି ଫାଉଣ୍ଡେସନ୍ କୋର୍ସ ଅଧ୍ୟୟନ ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୧୪ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ସମାପନ ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ଆଶୀର୍ବଚନ ପ୍ରଦାନ ସହ ଉତ୍ତମ ଗୁଣସମ୍ପନ୍ନ ହୋଇ ସମାଜର ଉନ୍ନତିରେ ସହଭାଗୀ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ନିର୍ମଳ ବ୍ୟକ୍ତିତ୍ୱ ଗଠନ ପାଇଁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ ତଥା ବିଦ୍ୟାଳୟର ଶୈକ୍ଷିକ ବାତାବରଣର ବିଭିନ୍ନ ଅନୁଭୂତି ଉପସ୍ଥାପନ କରିଥିଲେ। ସଭାପତି ଡ ଜୀବାନନ୍ଦ ତ୍ରିପାଠୀ ଅଧ୍ୟକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅନୁଷ୍ଠାନର ଅଧ୍ୟାପିକା ମନ୍ଦାକିନୀ ମିଶ୍ରଙ୍କ ସଂଯୋଜନାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟପ୍ରମୁଖ ସରାଜ୍ୟ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ +୩ ବିଭାଗର ଅଧ୍ୟକ୍ଷ ଡ ସୁବ୍ରତ କୁମାର ପାଣିଗ୍ରାହୀ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ଏବଂ +୨ ବିଭାଗର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ପ୍ରମୁଖ ଉପସ୍ଥିତ ଥିଲେ।



## ଏନ୍‌ସିସି ମିଳିତ ବାର୍ଷିକ ତାଲିମ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର,୧୨।୫(ସମିସ): ୧ମ ଓଡ଼ିଶା ନାଭାଲ ୟୁନିଟ୍ ଏନ୍.ସି.ସି ବ୍ରହ୍ମପୁର ପକ୍ଷରୁ ଏକ ମିଳିତ ବାର୍ଷିକ ତାଲିମ ଶିବିର ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଉଦଘାଟିତ ହୋଇଯାଇଛି। ଏନ୍‌ସିସି ଓଡ଼ିଶା ନିର୍ଦ୍ଦେଶାଳୟ ଅଧୀନରେ ଥିବା ବିଭିନ୍ନ ୟୁନିଟ୍‌ର ୫୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଏହି ଦଶ ଦିନିଆ ମିଳିତ ବାର୍ଷିକ ତାଲିମ ଶିବିରେ ସୋମବାର ଯୋଗ ଦେଇଛନ୍ତି। ଶିବିରଟି ଏନ୍‌ସିସି ବ୍ରହ୍ମପୁର ଗ୍ରୁପ୍ ହେଡ୍ କ୍ୱାର୍ଟର ଅଧୀନରେ ଥିବା ୧ ଓଡ଼ିଶା ନାଭାଲ ୟୁନିଟ୍ ଏନ୍.ସି.ସି ବ୍ରହ୍ମପୁର ଦ୍ୱାରା ପରିଚାଳିତ ହେଉଛି। ଏହି ଶିବିରକୁ ଛତ୍ରପୁରର ବ୍ଲକ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ୟାଡେଟ୍‌ମାନଙ୍କୁ ସମ୍ବୋଧିତ କରି, ସେମାନଙ୍କୁ ସାମରିକ ଶୈଳୀର ତାଲିମ ଅନୁଭବ କରିବା, ଶୃଙ୍ଖଳା, ନେତୃତ୍ୱ ଗୁଣାବଳୀ ବିକାଶ ଏବଂ ଆତ୍ମବିଶ୍ୱାସର ସହିତ ଭବିଷ୍ୟତର କ୍ୟାରିଅର ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ଶିବିରରେ, ଉଭୟ ବାଳକ ଓ ବାଳିକା ବର୍ଗର କ୍ୟାଡେଟ ମାନଙ୍କୁ ବିଭିନ୍ନ ସାମରିକ ଏବଂ ନୌସେନା-ମୁଖୀ କାର୍ଯ୍ୟକଳାପର ତାଲିମ ଗ୍ରହଣ କରିବେ। ରେଜିମେଣ୍ଟାଲ୍ ତାଲିମ, ଡ୍ରିଲ୍, ରାଇଫଲ ଡ୍ରିଲ୍, .୨୨ ରାଇଫଲ୍ ଫାୟାରିଂ କରିବେ। ସେହିପରି ସିପ୍ ମଡଲିଂ, ସିମାଫୋର, ନେଭିଗେସନ୍ ଏବଂ ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦଠାରେ ଦୁଃସାହସିକ ଜଳକ୍ରୀଡା ଯଥା ବୋଟ୍ ପୁଲିଂ, ସେଲିଂ, ସନ୍ତରଣ ଆଦିର ପ୍ରଶିକ୍ଷଣ ନେବେ। ଏହା ସହିତ, ୬୦ ଜଣ ମନୋନୀତ କ୍ୟାଡେଟଙ୍କୁ ଡ୍ରୋନ୍ ପରିଚାଳନାର ସ୍ୱତନ୍ତ୍ର ତାଲିମ ଦିଆଯିବ। ଶିବିରରୁ ଆଗାମୀ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟ୍ ମାନଙ୍କୁ ଚୟନ କରାଯିବ।



## ଚର୍ଚ୍ଚାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଅନୁମୋଦନ ବିନା ଡେପୁଟି କମ୍ପଟ୍ରୋଲର ନିଯୁକ୍ତିକୁ ନେଇ ବିବାଦ

ବ୍ରହ୍ମପୁର,୧୨।୫(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୨୦୨୨ମସିହାରେ ବେନିୟମ ଭାବେ ପରୀକ୍ଷା ପରିଚାଳନା ବିଭାଗରେ ଜଣେ ଡେପୁଟି ନିୟନ୍ତ୍ରକ ବା ଡେପୁଟି କମ୍ପଟ୍ରୋଲରଙ୍କୁ ନିଯୁକ୍ତି ଦିଆଯାଇଥିଲା। ସୃଷ୍ଟି ହୋଇଥିବା ଏହି ପଦବୀରେ ବିଶ୍ୱବିଦ୍ୟାଳୟର ଜଣେ କନିଷ୍ଠ ଅଧ୍ୟାପକଙ୍କୁ କେବଳ ନିଯୁକ୍ତି ଦିଆଯାଇଥିଲା ଏହା ନୁହେଁ ବରଂ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପରୀକ୍ଷା ନିୟନ୍ତ୍ରକଙ୍କ ଠାରୁ ଅଧିକ ତଥା ଅଖଣ୍ଡ କ୍ଷମତା ପ୍ରଦାନ କରାଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ଭାବେ ଯେ କୌଣସି ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକଙ୍କୁ ସହାୟତା କରିବାକୁ ଜଣେ ସହକାରୀ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତି ଦିଆଯିବାର ବିଧି ରହିଛି। ତେବେ ଉକ୍ତ ନିତିନିୟମର ଖୋଲାଖୋଲି ଉଲଂଘନ କରି ଏଠାରେ ଜଣେ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରକାଶ ଯୋଗ୍ୟଯେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସବୁଠୁ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ପରୀକ୍ଷା ପରିଚାଳନା ବିଭାଗ। ସେଠାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ପରୀକ୍ଷା ନିୟନ୍ତ୍ରକ ଭାବେ ନିଯୁକ୍ତି ଦିଆଯାଇଛି। ପରୀକ୍ଷା ନିୟନ୍ତ୍ରକଙ୍କୁ ପରୀକ୍ଷା ପରିଚାଳନା ଓ ପରୀକ୍ଷା ଫଳ ପ୍ରକାଶନକୁ ସ୍ୱଚ୍ଛତାର ସହିତ ସମ୍ପାଦନ କରିବା ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ଗତ ୨୦୨୨ମସିହା ଜୁଲାଇ ୧୮ ତାରିଖରେ ଚିଠି ନମ୍ବର ୫୯୦୭ ପ୍ରକାରେ ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ ତତ୍କାଳୀନ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ବିଶ୍ୱବିଦ୍ୟାଳୟର ଆଇଆରପିଏମ ବିଭାଗରେ କାର୍ଯ୍ୟରତ ତତ୍କାଳୀନ ସହକାରୀ ପ୍ରାଧ୍ୟାପକ ଡଃ ସତ୍ୟବ୍ରତ ପାତ୍ରଙ୍କୁ ୨୦୨୨ମସିହା ଅଗଷ୍ଟ ପହିଲାରୁ ଡେପୁଟି ପରୀକ୍ଷା ନିୟନ୍ତ୍ରକ ଭାବେ ନିଯୁକ୍ତି ଦିଆଯାଇଥିଲା।



**● ସାମ୍ନାକୁ ଆସିଲା ବିଦାୟୀ କୁଳପତି ପ୍ରଫେସର ଦାଶଙ୍କ ସମୟର ଆଉ ଏକ ବିବାଦୀୟ ଫର୍ଦ୍ଦ**

**● ପରୀକ୍ଷା ନିୟନ୍ତ୍ରକଙ୍କ କ୍ଷମତାକୁ ହ୍ରାସ କରି ଉପ ନିୟନ୍ତ୍ରକଙ୍କୁ ଦିଆଯାଇଥିଲା ଅଖଣ୍ଡ କ୍ଷମତା**

**● ବିଶ୍ୱବିଦ୍ୟାଳୟର ଗତ ୪ବର୍ଷର 'ପିଏଚ୍‌ଡି' ଓ 'ଡିଲିଟ୍' ଡିଗ୍ରୀର ଉଚ୍ଚସ୍ତରୀୟ ତଦନ୍ତ ଦାବି**

ଏଥି ସହିତ ତାଙ୍କୁ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସମସ୍ତ ପିଏଚଡି, ଡିଫିଟ ଓ ଏମଫିଲ ଆଦି ବିଭିନ୍ନ ଉଚ୍ଚତର ପାଠ୍ୟକ୍ରମର ପରୀକ୍ଷା ପରିଚାଳନା ଦାୟିତ୍ୱ ଓ ସମସ୍ତ କାର୍ଯ୍ୟକଳାପ ସହିତ ସମସ୍ତ ଫାଇଲକୁ ସିଧାସଳଖ କୁଳପତିଙ୍କୁ ପ୍ରଦାନ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଆବଶ୍ୟକସ୍ଥଳେ ନିଜେ ଡେପୁଟି କମ୍ପଟ୍ରୋଲର କୌଣସି ଫାଇଲ ସମ୍ପର୍କିତ ନିଷ୍ପତ୍ତି ନିଜେ ନେଇପାରିବେ ବୋଲି ମଧ୍ୟ କୁହାଯାଇଥିଲା। ଯଦ୍ୱାରା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପରୀକ୍ଷା ନିୟନ୍ତ୍ରକଙ୍କ କ୍ଷମତାକୁ ଦଳିମୋକଚି ହ୍ରାସ କରାଯାଇଥିଲା। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରୁଥିବା ଭଳି ବିଭାଗରେ ସ୍ୱଚ୍ଛତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ଇତିମଧ୍ୟରେ ପୂର୍ବତନ ଉପ ପରୀକ୍ଷା ନିୟନ୍ତ୍ରକ ଡଃ ସତ୍ୟବ୍ରତ ପାତ୍ର ଅବସର ଗ୍ରହଣ କରିସାରିଥିବା ବେଳେ ପୁଣି ଜଣେ ସହକାରୀ ପ୍ରାଧ୍ୟାପକଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ସରକାର କିମ୍ବା ଉଚ୍ଚଶିକ୍ଷା ବିଭାଗ ଏପରିକି ବିଶ୍ୱବିଦ୍ୟାଳୟ ଆଇନରେ ଉପ ପରୀକ୍ଷା ନିୟନ୍ତ୍ରକ ପଦବୀ ନଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସ୍ୱାର୍ଥ ହାସଲ ପାଇଁ ଏଭଳି ବେନିୟମ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି। ଏପରିକି ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡିଲିଟ ପ୍ରଦାନ ନିମନ୍ତେ ସାକ୍ଷାତକାର କରିବାକୁ ଯୋଜନା କରାଯାଉଥିବା ବେଳେ ଡିଲିଟ ପାଇବାକୁ ଥିବା ବ୍ୟକ୍ତିଙ୍କ ମଧ୍ୟରୁ କିଛି ଜଣଙ୍କ ଏବଂ ସେମାନଙ୍କ ଗାଇଡଙ୍କର ମଧ୍ୟ ଆବଶ୍ୟକ ଯୋଗ୍ୟତା ନଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏଣୁ ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ଡେପୁଟି ପରୀକ୍ଷା ନିୟନ୍ତ୍ରକ ପଦବୀକୁ ରଦ୍ଦ କରାଯିବାକୁ ଦାବି ହୋଇଛି। ସେହିଭଳି ବିଶ୍ୱବିଦ୍ୟାଳୟର ପରୀକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ୨୦୨୨ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ପିଏଚଡି, ଡିଲିଟ, ଡିଫିଟ ଓ ଏମଫିଲ ପାଠ୍ୟକ୍ରମର ଉଚ୍ଚସ୍ତରୀୟ ତଦନ୍ତ କରିବାରେ ଖୋଦ୍ ରାଜ୍ୟପାଳ ତଥା କୁଳାଧିପତି ହସ୍ତକ୍ଷେପ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

## ୧୩୫କେଜି ଗଞ୍ଜେଇ ଜବତ; ୪ଗିରଫ

ବ୍ରହ୍ମପୁର,୧୨।୫(ସମିସ): ଅବକାରୀ ଗୁଇନ୍ଦା ବିଭାଗ ହିଞ୍ଜିଳି ଜାତୀୟ ରାଜପଥ ଛକ ନିକଟରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ବେଳେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୩୫କେଜି ଗଞ୍ଜେଇ ସହ ଦୁଇଟି କାର ଓ ୭ଟି ମୋବାଇଲ ଫୋନ୍ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମୁସିର୍ଦାବାଦର ଡ୍ରାଇଭର ରାଜେଶ ସରକାର(୨୧), ସର୍ଜଲ ସରକାର(୨୭),



ଗଞ୍ଜେଇ ମାଫିଆ ସୈଫ ମହମ୍ମଦ ସୟଦ (୩୫) ଓ ବ୍ୟବସାୟୀ ଅସିଫ ଇକବାଲ୍ (୩୨)। ସୂଚନାଯୋଗ୍ୟ ଯେ, ରବିବାର ସକାଳ ସମୟରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସୋମପୁର ଛକ ରାସ୍ତାରେ ଏକ ମହିନ୍ଦ୍ରା ଏକ୍ସୟୁଭି କାର ରେଜି. ନଂ ଡବ୍ଲୁବି ୫୮ ବିଏକ୍ସ ୧୬୮୬ ଏବଂ ଡବ୍ଲୁବି ୫୮ ସିବି ୩୨୯୯ ନମ୍ବର ଥିବା ଟାଟା ନେକ୍ସନ କାରରେ ଅବୈଧ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଚଢଉ କରିଥିଲା। ଗାଡିରୁ ପଶ୍ଚିମବଙ୍ଗ ଅଂଚଳର ରାଜେଶ ସରକାର, ସଜଲ ସରକାର, ସୋଏଫ ମହମ୍ମଦ ସୟାଦ ଓ ଆସିଫ ଇକବାଲଙ୍କୁ ଅଟକ ରଖିଥିଲା। ଅଟକ ୨କାର ଭିତରେ ୫ଟି ଜରିବସ୍ତାରେ ଗଂଜେଇ ଭର୍ତ୍ତି ହୋଇ ରହିଥିଲା। ଜବତ ଗଞ୍ଜେଇର ଓଜନ ୧୩୫କେଜି ଥିବା ଅବକାରୀ ବିଭାଗ ସ୍ପଷ୍ଟ କରିଥିଲା। ଏହାସହ ଚୋରା ଚାଲାଣରେ ବ୍ୟବହୃତ ଉଭୟ କାର, ୭ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ପରିଚୟ ପତ୍ର ଓ ଗାଡ଼ି ସମ୍ପର୍କିତ କାଗଜପତ୍ରକୁ ଜବତ କରାଯାଇଛି। ଚୋରା ଓ ବେଆଇନ ଗଂଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଯୋଗ ମଣ୍ଡପରେ ନପଶୁଣୁ ମୁଣ୍ଡରେ ବାଜିଲାଣି ଚାଳ

# ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କୁ ଅଣଦେଖା











ବ୍ରହ୍ମପୁର,୧୨।୫(ସମିସ)

ଗଞ୍ଜାମ ବିଜେପିରେ ଅର୍ନ୍ତଦ୍ୱନ୍ଦ କାହାକୁ ଅଛପା ନାହିଁ। ପରିସ୍ଥିତି ଏଭଳି ହେଲାଣି ଯେ କର୍ମୀଙ୍କ ଠାରୁ ବଳି ଗଲେଣି ଖୋଦ୍ ବିଧାୟକ, ସାଂସଦ ଓ ମନ୍ତ୍ରୀ। କାହାକୁ କାହା ସଙ୍ଗେ ପଡୁନଥିବା ଓ ସମସ୍ତଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଥିବା ଦାଣ୍ଡରେ ପଡି ହାଟରେ ଗଡିଲାଣି। ପୂର୍ବରୁ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ସହିତ ବ୍ରହ୍ମପୁର ସାଂସଦଙ୍କ ସମେତ ବ୍ରହ୍ମପୁର ଓ ଚିକିଟି ବିଧାୟକଙ୍କ ସମ୍ପର୍କ ତିକ୍ତ ଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ପୁଣି ଏକ ଘଟଣା ନଜରକୁ ଆସିଛି। ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ କ୍ୟାମ୍ପସରେ ଏକ ଯୋଗ ମଣ୍ଡପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରୁ ଜଣାପଡିଛି। ଯୋଗ ମଣ୍ଡପ ନିର୍ମାଣ ହୋଇଥିବା ଜମି ସରକାରୀ ତଥା ଉମାଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ କ୍ୟାମ୍ପସ ଭିତରେ। ଏକ ଘରୋଇ ସଂସ୍ଥାକୁ ଉକ୍ତ ଜମିରୁ କିଛି ଅଂଶ ଯୋଗ ମଣ୍ଡପ ନିର୍ମାଣ ପାଇଁ ଦେବା ଓ ଏହାର ଉଦ୍‌ଘାଟନ ଉତ୍ସବରେ ଅତିଥିଙ୍କୁ ଚୟନ କରିବା କ୍ଷେତ୍ରରେ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ନିଜର ମନମାନି କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳ ହେଉଛି ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅର୍ଥାତ୍ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ଇଲାକା। ତେବେ ଏଠାରେ ଏକ କାର୍ଯ୍ୟକ୍ରମ ସେ ପୁଣି ସରକାରୀ ଶିକ୍ଷାନୁଷ୍ଠାନରେ ତଥାପି ସେଥିରେ ନିମନ୍ତ୍ରିତ ଅତିଥି ନାହାନ୍ତି ଖୋଦ୍ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ। ଯାହାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ସବୁଠାରୁ ବଡକଥା ହେଲା ଏହି ପ୍ରକଳ୍ପ ପାଇଁ ଆଇଏମସି ବା ଇନଷ୍ଟିଚ୍ୟୁଟ ମ୍ୟାନେଜମେଣ୍ଟ କମିଟିର ଅଧ୍ୟକ୍ଷ ଜିଲ୍ଲାପାଳଙ୍କ ଠାରୁ କୌଣସି ଅନୁମତି ବା ପରାମର୍ଶ ମଧ୍ୟ ନିଆଯାଇନଥିବା ଜଣାପଡିଛି। ଏଭଳି ପରିସ୍ଥିତିରେ ସରକାରୀ ଜମିରେ ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦେବା ଓ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ ନକରିବା ପ୍ରୋଟୋକଲକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କୁ ଅତିଥି କରାଯାଇଥିଲା। ତେବେ ଚତୁରତାର ସହିତ ନିଜ ଅଞ୍ଚଳ ହୋଇନଥିବାରୁ ବିଧାୟକ ଅନୀଲ କୁମାର ଏହି କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖିଥିବା ନେଇ ଚର୍ଚ୍ଚା ହେଉଛି। ସାଂସଦଙ୍କ ଦ୍ୱାରା ଉଦ୍‌ଘାଟିତ ଯୋଗମଣ୍ଡପର ଫଳକରେ ଉଭୟ ସାଂସଦ ଓ ବ୍ରହ୍ମପୁର ବିଧାୟକଙ୍କ ସମେତ ଉମା ଚରଣ ଇଂଜିନିୟରିଂ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟଶଙ୍କର ରାଜଙ୍କ ନାମ ଉଲ୍ଲେଖ ହୋଇଥିଲେ ହେଁ ପ୍ରୋଟୋକଲ ଦୃଷ୍ଟିରୁ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ନାମକୁ ବାଦ ଦିଆଯାଇଥିବା ଦେଖିବାକୁ ମିଳିଛି। ଏକ ସରକାରୀ ଶିକ୍ଷାନୁଷ୍ଠାନ ଭିତରେ ସରକାରୀ ଜମିରେ ଏଭଳି ଯୋଗ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ଓ ଅନୁମତି କିଏ ଦେଲା ତାକୁ ନେଇ ଉଠିଛି ପ୍ରଶ୍ନ। ବଡକଥା ହେଲା କାର୍ଯ୍ୟକ୍ରମକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଶିକ୍ଷାନୁଷ୍ଠାନର ବହୁ କର୍ମଚାରୀ ଏଥିରେ ସକ୍ରିୟ ସାମିଲ ନହୋଇ ନିଜକୁ ଦୂରେଇ ରଖିଥିବା ଜଣାପଡିଛି।



## ବାହାଘର ଭୋଜିରେ ମାରପିଟ୍; ୪ଗିରଫ

ବ୍ରହ୍ମପୁର,୧୨।୫(ସମିସ): ବାହାଘର ଭୋଜିରେ ଗଣ୍ଡଗୋଳ ସହ ହତ୍ୟା ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜିପୁର ରଥ ସାହିର କେ. ନବୀନ(୨୫) ଓ ଜି. ନାଗେଶ(୩୦), ବୋଡିଂ ସାହିର ନିଳାଞ୍ଚଳ ପାତ୍ର ଓରଫ ସିଡୁ(୩୦) ଏବଂ କାଲୁଆ ସାହିର ରହିମ ପାତ୍ର ଓରଫ ରାଜୁ(୩୮)। ସୂଚନା ଥାଉକି, ଖୋଡାସିଙ୍ଗିର ରାଜେଶ୍ୱରୀ ମହାଙ୍କୁଡଙ୍କ ଝିଆରୀଙ୍କ ବିବାହ ଭୋଜି ଚାଲିଥିବା ବେଳେ ପୂର୍ବ ଶ୍ରତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଭୋଜିସ୍ଥଳରେ ପହଞ୍ଚି ଖାଦ୍ୟ ସାମଗ୍ରୀ ନଷ୍ଟ କରିଥିଲେ। ଏହାକୁ ରାଜେଶ୍ୱରୀ ଓ ତାଙ୍କ ଭାଇ ଏନ. କ୍ରିଷ୍ଣା ରାଓ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପରିବାରର ଅନ୍ୟ ଜଣେ ସଦସ୍ୟ ଏ. ସୁନୀଲ ଏଥିରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ଏକ କାଠପଟା ସାହାଯ୍ୟରେ ତାଙ୍କୁ ମଧ୍ୟ ନିର୍ଧୁମ ମାଡ଼ ମାରିଥିଲେ। ସୁନୀଲଙ୍କ ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ଘଟଣାକୁ ନେଇ ରାଜେଶ୍ୱରୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୧୭୪/୨୬) ରୁଜୁ କରି ତଦନ୍ତ କରିଥିଲା। ଆକ୍ରମଣରେ ବ୍ୟବହୃତ କାଠପଟାକୁ ପୁଲିସ ଜବତ କରିଛି।

## ଲୁଟ୍ ଓ ଜାତିଗତ ଆକ୍ଷେପ ମାମଲା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୨।୫(ସମିସ): ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ହର୍ଷ ବିହାର ଅଞ୍ଚଳରେ ଜଣେ ନାବାଳକଙ୍କୁ ଖଣ୍ଡା ଦେଖାଇ ସୁନାଚେନ୍ ଲୁଟିବା ଏବଂ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଠି ଅଞ୍ଚଳରେ ରହୁଥିବା ବାଲାଜୀପେଣ୍ଟ ଗୋଲା ସାହିର ପ୍ରବୀଣ ଚୌଧୁରୀ (୨୨)। ସୂଚନା ପ୍ରକାରେ ଏପ୍ରିଲ ୩୦ତାରିଖ ରାତି ପ୍ରାୟ ୮.୩୦ମିନିଟ୍ ସମୟରେ ଧାନମେରା ସାହିର ଆର୍ୟ୍ୟନ ଓରଫ ଅମ୍ରିତ ନାୟକ ନିଜର ଦୁଇବନ୍ଧୁଙ୍କ ସହ ହର୍ଷ ବିହାର ଅଞ୍ଚଳକୁ ଯାଉଥିଲେ। ସେହି ସମୟରେ ଅଭିଯୁକ୍ତ ପ୍ରବୀଣ ଚୌଧୁରୀ ଓ ୩ଜଣ ସହଯୋଗୀ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଅମ୍ରିତ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଅଭିଯୁକ୍ତମାନେ ଏକ ଖଣ୍ଡା ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ବେକରୁ ସୁନାଚେନ୍ ଛଡ଼ାଇ ନେଇ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ନାବାଳକଙ୍କ ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ଏକ ମାମଲା(୨୮୦/୨୬) ରୁଜୁ ହୋଇଥିଲା। ଅଭିଯୁକ୍ତ ପ୍ରବୀଣ ନାମରେ ବ୍ରହ୍ମପୁରର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ସେ ଏକ ଅପରାଧିକ ଗ୍ୟାଙ୍ଗର ସଦସ୍ୟ ବୋଲି ତଦନ୍ତରୁ ଜଣାପଡିଛି। ଏହି ଗ୍ୟାଙ୍ଗ ଓ ତାହାର ମୁଖ୍ୟ ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ଭୟଭିତ କରି ଦାଦାବଟି ଆଦାୟ କରିବା ସହ ଜୁଆ, ବ୍ରାଉନସୁଗାର ଏବଂ ଗଞ୍ଜେଇ ବ୍ୟବସାୟରେ ସଂପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି।

## ଯୁବକଙ୍କୁ ଛୁରାମାଡ଼; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୨।୫(ସମିସ): ମିଲିଟାରୀ ଲାଇନ ପାର୍କ ନିକଟରେ ଜଣେ ଯୁବକଙ୍କୁ ଛୁରାମାଡ଼ କରି ଟଙ୍କା ଲୁଟ୍ ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ଗେଟ୍‌ବଜାର ବିଲ ସାହିର ଏମ୍. ଗଣେଶ ପାତ୍ର ଓରଫ ଚିଣ୍ଟୁ(୨୪)। ପୁଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ କରିଛି।

ସୂଚନାଥାଉକି, ୯ ତାରିଖ ବିଳମ୍ବିତ ରାତିରେ ପି. ରାହୁଲ ନିଜ ସାଙ୍ଗ ଜାଭେଦ୍ ଖାନ୍ ଏବଂ ନବୀନ ଖାନଙ୍କ ସହ ମିଲିଟାରୀ ଲାଇନ ପାର୍କ ଅଭିମୁଖେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଗଣେଶ ପାତ୍ର ତାଙ୍କର ଅନ୍ୟ ସହଯୋଗୀ ଅମିତ ନାୟକ, ପିଣ୍ଟୁ ଓରଫ ରୂପେଶ ବେହେରା ଏବଂ କାର୍ତ୍ତିକଙ୍କ ସହ ମିଶି ରାହୁଲଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ରାହୁଲ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ଧାରୁଆ ଛୁରୀରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରାହୁଲଙ୍କ ଡାହାଣ ହାତ ଏବଂ ପେଟରେ ଗଭୀର ଆଘାତ ଲାଗିଥିଲା। ୧୦ ତାରିଖ ଦିନ ରାହୁଲ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୧୭୫/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଗଣେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

● ଗଛକୁ ଧକ୍କା ଦେଲା କାର୍

## ଗୋଟିଏ ପରିବାରର ୬ ଆହତ

ଆସିକା,୧୨।୫(ସମିସ): ଆସିକା ବ୍ଲକ ଅନ୍ତର୍ଗତ ମୁନିଗାଡି ନିକଟରେ ଦୁର୍ଘଟଣା। ରାସ୍ତା କଡରେ ଥିବା ଏକ ଗଛକୁ ପିଟିଲା କାର। ଏଥିରେ ଗୋଟିଏ ପରିବାରର ୬ ଆହତ ହେଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଅଧିକ ସାଂଘାତିକ ହୋଇଥିବା ବେଳେ ଉଭୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଆହତ ମାନଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ରହିଛନ୍ତି। କାରଟି ବ୍ରହ୍ମପୁରରୁ ଭଞ୍ଜନଗର ଯାଉଥିବା ସମୟରେ ଏହି ଦୁର୍ଘଟଣା ହୋଇଛି। କୌଣସି କାରଣରୁ କାରଟି ଆସିକା ପଟୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦୋଇଥିଲା। ସ୍ଥାନୀୟଲୋକେ ପହଁଚି ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ପଠାଇଥିଲେ। ଗୁରୁତର ଆହତ ମାନେ ହେଲେ ଭଞ୍ଜନଗର ଅଞ୍ଚଳର ସୁଶାନ୍ତ ସାହୁ, ବିପ୍ରଚରଣ ସାହୁ, ରୀନାସାହୁ, ଶୁଭ୍ରା ସାହୁଙ୍କ ସମେତ ଝିଅ ଶ୍ରୀୟା ସାହୁ(୧୦), ପୁଅ କ୍ରିଷବ ସାହୁ(୪)ଆହତ ହୋଇ ଥିବା ବେଳେ ଆସିକା ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି।

### ପୁଲିସ ବିଭାଗରେ ‘ବ୍ରିଫିଂ ପରେଡ୍’ର ଆବଶ୍ୟକତା ଓ ଯଥାର୍ଥତାକୁ ନେଇ ଚର୍ଚ୍ଚା

# ‘ଗୁଣ୍ଡା ପରେଡ୍’ର ସ୍ଥାନ ନେଇଛି ‘ପୁଲିସ ପରେଡ୍’

ବ୍ରହ୍ମପୁର,୧୨।୫(ସମିସ)

ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ସମସ୍ତ ଥାନାରେ ‘ଗ୍ରୁପ କଲ’ ସହିତ ‘ବ୍ରିଫିଂ ପରେଡ’ ଆରମ୍ଭ ହୋଇଛି। ବ୍ରିଫିଂ ପରେଡରେ ଥାନା ଅଧିକାରୀ ଥାନାର କର୍ମଚାରୀ ତଥା ଅନ୍ୟ ଅଧିକାରୀଙ୍କୁ ଦିନ ତମାମର କାର୍ଯ୍ୟ ଶୁଣିବା ସହିତ ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିବେ। ଏହାଦ୍ୱାରା ଥାନାଗୁଡିକରେ କାର୍ଯ୍ୟକରିବାର ଶୈଳୀରେ ପରିବର୍ତ୍ତନ ଆସିବା ସହିତ ପୁଲିସ କର୍ମଚାରୀଙ୍କ ମନରେ ଉତ୍ସାହ ସୃଷ୍ଟି ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ତେବେ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଫଳାଫଳକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବରୁ ଅପରାଧିଙ୍କ ମନରେ ଭୟ ଓ ନିୟନ୍ତ୍ରଣ ଆଣିବା ଲକ୍ଷ୍ୟରେ ‘ଗୁଣ୍ଡା ପରେଡ’ କରାଯାଉଥିଲା। ଯାହା କିଛିଦିନର କାର୍ଯ୍ୟକାରିତା ପରେ ଆପେଆପେ ବନ୍ଦ ହୋଇଯାଇଥିଲା। ଏଭଳି ଅନେକ କାର୍ଯ୍ୟକ୍ରମ ପୂର୍ବରୁ ପୁଲିସ ବିଭାଗ ପକ୍ଷରୁ ହାତକୁ ନିଆଯାଇ ପରବର୍ତ୍ତି ସମୟରେ ତାହାକୁ କାର୍ଯ୍ୟକାରୀ କରିନପାରି ବନ୍ଦ କରାଯାଇଥିବା ନଜିର ରହିଛି। ପୂର୍ବରୁ ଗୁଣ୍ଡା ପରେଡ ହେଉଥିବା ଭଳି ବର୍ତ୍ତମାନ ଖୋଦ୍ ପୁଲିସ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କୁ ଶୃଙ୍ଖଳିତ କରିବାକୁ ଯାଇ ଏଭଳି ‘ବ୍ରିଫିଂ ପରେଡ’ ଆରମ୍ଭ କରାଯାଇଥିବା କୁହାଯାଉଛି। ତେବେ ଏହାଦ୍ୱାରା ପୁଲିସ ଅଧିକାରୀ ଓ କର୍ମଚାରୀ ଅଧିକ ଯତ୍ନବାନ ଅଥବା କ୍ରୀୟାଶୀଳ ହେବା ଅପେକ୍ଷା ଅଧିକ ଚାପଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ଏଣୁ ଏଭଳି ବ୍ରିଫିଂ ପରେଡ ଦୈନିକ ପରିବର୍ତ୍ତେ ସପ୍ତାହରେ ଦୁଇ ବା ୩ଦିନ ହେଲେ ଭଲ ହୁଅନ୍ତା ବୋଲି କିଛି ଅବସରପ୍ରାପ୍ତ ପୁଲିସ ଅଧିକାରୀ ମତ ଦେଇଛନ୍ତି। ଗ୍ରୁପ କଲରେ ଅଧିକାରୀମାନେ ଥାନାକୁ ନଯାଇ ବିଭିନ୍ନ ସ୍ଥାନରୁ ଏପରିକି ନିଜ ଘର ନିକଟସ୍ଥ ଥାନାକୁ ଯାଇ ପର୍ଯ୍ୟାୟକ୍ରମେ ଗ୍ରୁପ କଲରେ ସାମିଲ ହେବାର ନଜିର ରହିଛି। ଏଣୁ ରାତିରେ ପାଟ୍ରୋଲିଂ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ପୁଲିସ କର୍ମଚାରୀଙ୍କ ପାଇଁ ଏହା ଏକ ଚାପ ସଦୃଶ ବୋଲି ଆଲୋଚନା ହେଉଛି। ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ଥାନାରେ ‘ବ୍ରିଫିଂ ପରେଡ’ ଯଦିଓ ଅନୁଷ୍ଠିତ ହୋଇଯାଇଛି ତେବେ ଅଭ୍ୟାସ ନଥିବାରୁ ସେଥିରେ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇନଥିବା ଦେଖିବାକୁ ମିଳିଥିଲା। ସେପଟେ ଥାନାରେ ବ୍ରିଫିଂ ପରେଡ ଆୟୋଜିତ ହେଉଥିବା ବେଳେ ଫାଣ୍ଡି ଗୁଡିକରେ ନିୟୋଜିତ ଅଧିକାରୀଙ୍କ ପାଇଁ ଏହା ଅଉଏକ ସମସ୍ୟା ସୃଷ୍ଟି କରିଛି। ଏସବୁ ଦୃଷ୍ଟିରୁ ‘ବ୍ରିଫିଂ ପରେଡ’ କେତେଦିନ କାର୍ଯ୍ୟକାରୀ ହେଉଛି ଏବଂ ତାହାର ସଫଳତା କେତେ ମିଳୁଛି ତାହା ଦେଖିବାକୁ ବାକି ରହିଲା।



● ପୁଲିସ କର୍ମଚାରୀଙ୍କ ଉପରେ ପଡ଼ିବ ଅଯଥା ଚାପ

● ପ୍ରଥମେ ‘କଲ ଆଟେଣ୍ଡ’ ନା ‘ବ୍ରିଫିଂ ପରେଡ୍’?

● କିଛିଦିନ ପରେ ବନ୍ଦ ହେବ; ସବୁ ଥାନା, ଫାଣ୍ଡିରେ ନିୟମିତ ଅସମ୍ଭବ

## ବ୍ରହ୍ମପୁର ନୂତନ ବସ୍‌ଷ୍ଟାଣ୍ଡ ବନ୍ଦ ପରେ ଜୀବନ ଜୀବିକା ପ୍ରଭାବିତ



ବ୍ରହ୍ମପୁର,୧୨।୫(ସମିସ): ବ୍ରହ୍ମପୁରର ନୂତନ ବସ୍‌ଷ୍ଟାଣ୍ଡ ବନ୍ଦ ହେବାରୁ ଶତାଧିକ ଲୋକଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଟୋ ଚାଳକ, ଖାଦ୍ୟ ଓ ଫଳ ବ୍ୟବସାୟୀ, ଛୋଟ ଦୋକାନୀ, କ୍ଲିନିକ୍ ଚାଳକ, ଔଷଧ ଦୋକାନ ଏବଂ ଦୈନିକ ମଜୁରିଆ ଶ୍ରମିକମାନେ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରି ନିଜ ଜୀବିକା ଚଳାଉଥିଲେ। ବଢୁଥିବା ଚିନ୍ତାକୁ ଦୃଷ୍ଟିରେ ରଖି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପାଧ୍ୟକ୍ଷ ନିହାର ରଞ୍ଜନ ଶତପଥୀ ନୂତନ ବସ୍‌ଷ୍ଟାଣ୍ଡ ୟୁନିୟନ ଓ ଅଟୋ ଷ୍ଟାଣ୍ଡ ୟୁନିୟନ ସଦସ୍ୟମାନଙ୍କ ସହ ଆଲୋଚନା କରି ସମସ୍ୟା ଓ ଦାବିଗୁଡିକୁ ବୁଝିଥିଲି। ଏହି ଆଲୋଚନା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ନିର୍ଦ୍ଦେଶନା ଓ ମାର୍ଗଦର୍ଶନରେ ହୋଇଥିଲା। ପ୍ରତିନିଧିମାନେ ବିଏମସି କମିଶନର, ସ୍ଥାନୀୟ ବିଧାୟକ ଏବଂ ବ୍ରହ୍ମପୁର ମେୟରଙ୍କୁ ତତ୍କାଳ ହସ୍ତକ୍ଷେପ ପାଇଁ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଅଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସହିତ ଏକ ଗ୍ରହଣ ପ୍ରତିଲିପି ମଧ୍ୟ ମିଳିଛି। କିନ୍ତୁ ପୁନଃପୁନି ଅନୁରୋଧ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଆଶ୍ୱାସନ କିମ୍ବା ପୁନର୍ବାସ ଯୋଜନା ଘୋଷଣା କରାଯାଇନାହିଁ।

ପ୍ରଭାବିତ ଅଞ୍ଚଳବାସୀ ଓ ସମସ୍ତ ହିତାଧିକାରୀମାନେ ସରକାରଙ୍କୁ ହଳଦିଆପଦରରୁ ଫର୍ଷ୍ଟ ଗେଟ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସିଙ୍ଗଲ୍ ରୁଟ୍ ବସ୍ ସେବା ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି, ଯାହା ଚିକିତ୍ସା ଓ କ୍ଲିନିକ୍ ସମ୍ବନ୍ଧୀୟ କାରଣରେ ଯାତାୟାତ କରୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କୁ ବହୁତ ସହାୟତା କରିବ। ସିଧାସଳଖ ପରିବହନ ସୁବିଧା ନଥିବାରୁ ବୃଦ୍ଧ ଓ ରୋଗୀମାନେ ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ନିଷ୍ପତ୍ତିରେ ପ୍ରଭାବିତ ବ୍ୟବସାୟୀ, ଛୋଟ ଦୋକାନୀ ଓ ଶ୍ରମିକମାନଙ୍କ ପାଇଁ ପୁନର୍ବାସ ଏବଂ ବିକଳ୍ପ ସହାୟତା ବ୍ୟବସ୍ଥା କରିବାକୁ ମଧ୍ୟ ଜୋରଦାର ଦାବି ହେଉଛି। ଲୋକମାନେ କହିଛନ୍ତି ଯେ ଉନ୍ନୟନ ଓ ଯାତାୟାତ ସୁବିଧା ଜରୁରୀ ହେଲେ ମଧ୍ୟ, ଏହା ଲୋକଙ୍କ ଜୀବିକା ଓ ଆର୍ଥିକ ସୁରକ୍ଷାର ବଳି ହେବା ଉଚିତ୍ ନୁହେଁ। ସ୍ଥାନୀୟ ବାସିନ୍ଦା ଓ ପ୍ରଭାବିତ ଶ୍ରମିକମାନେ ବର୍ତ୍ତମାନ ପ୍ରଶାସନକୁ ତୁରନ୍ତ ମାନବିକ ଓ ସକାରାତ୍ମକ ପଦକ୍ଷେପ ନେବାକୁ ଅନୁରୋଧ କରୁଛନ୍ତି, ଯାହା ମାଧ୍ୟମରେ ନଗର ଉନ୍ନୟନ ପ୍ରକ୍ରିୟାରେ କୌଣସି ବର୍ଗ ଅବହେଳିତ ନ ହେଉ।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା




ଶେରଗଡ଼,୧୧।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଶେରଗଡ଼ ବ୍ଲକର ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନନ୍ତର ପଞ୍ଚାୟତ ପକ୍ଷରୁ ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଶେରଗଡ ବ୍ଲକର କରଡାକଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପସା ମଲିକ ବ୍ଲକ ଟପ୍ପର ହୋଇଥିଲା ବେଳେ ଶେରଗଡ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ରାଣୀ ପାଢୀ ଦ୍ୱିତୀୟ, ଶେରଗଡ ମହାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀୟାନ୍ସ ମିଶ୍ର ଓ ଗୋଠଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପାଢୀ ଏ୧ ଗ୍ରେଡରେ ପାସ କରିଥିବା ବେଳେ ପ୍ରତି ବିଦ୍ୟାଳୟର ଟପ୍ପର ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ନିରଞ୍ଜନ ଜେନା (କାଳିଆ), ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ପୂର୍ବତନ ବରମୁଣ୍ଡଳି ସରପଞ୍ଚ କାଳୁଚରଣ ସାହୁ, ଧନନ୍ତର ସରପଞ୍ଚ ପ୍ରତିନିଧି ମକରା ସ୍ୱାଇଁ, ଖିରିଡା ସରପଞ୍ଚ ପ୍ରତିନିଧି ଅଜିତ କୁମାର ଜେନା, ଜିଲ୍ଲା ଉପସଭାପତି ନୟନୀ କୁମାର ମଲିକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନଙ୍କ ସହ ୨୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ‘ଏ-୧’ ମାଟ୍ରିକ୍ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର,୧୨।୫(ସମିସ): ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ପୁରୁଷୋତ୍ତମପୁର ବ୍ଲକର ୭ଜଣ ବିଦ୍ୟାର୍ଥୀ ଏ୧ ଗ୍ରେଡରେ ପାସ୍ କରିଛନ୍ତି। ସେମାନଙ୍କୁ ମଙ୍ଗଳବାର ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହିନ୍ଦୀ ପ୍ରଚାର ସଭା ଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ମୁଖ୍ୟ ଅତିଥି, ବକ୍ତା ଏବିଇଓ ଦଣ୍ଡପାଣି ବେହେରା, ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ପିଏମ୍‌ଶ୍ରୀ ନରସିଂହ ଦାସ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ସାହୁ ଉପସ୍ଥିତ ଥିଲେ। ଟଙ୍କାଛାଇ ସ୍ଥିତ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ସ୍ୱାଇଁ ୬୦୦ରୁ ୫୫୭(୯୩%)



ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ପ୍ରତାପପୁର ଆର. ଟି ବିଦ୍ୟାପୀଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିପସା ବେହେରା ୫୫୦, ଟଙ୍କା ଛାଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଛାତ୍ରୀ ସୋନୁ ଗୌଡ଼ ୫୪୦, ହାଣ୍ଡିଘର ଉନ୍ନୀତ ଉଚ୍ଚବିଦ୍ୟାଳୟର ତୁଳସୀ ସାହୁ୫୪୦, ଚଢେୟାପଲ୍ଲୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଏ.କରିସ୍ମା ଦୋରା ୫୪୦, ବଡ ବରଗାଁ ଚକ୍ରପାଣି ଦୋରା ଉଚ୍ଚ ବିଦ୍ୟାଳୟର ବସନ୍ତ ପ୍ରଧାନ ୫୪୦, ଭୂତସରସିଙ୍ଗି ଉଚ୍ଚ ବିଦ୍ୟାଳୟର ଆରୁଷି ସାହୁ ୫୪୦ ରଖି ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସିଆରସିସି ହେମନ୍ତ ବେହେରା, ସଂଯୋଜନା କରିଥିବା ବେଳେ ବରିଷ୍ଠ ନାଗରିକ ସଂଘ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ

### ଗାଡ଼ି ଛାଡି ଡ୍ରାଇଭର ଫେରାର

ଗଞ୍ଜାମ,୧୨।୫(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରଦା ଗ୍ରାମରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ସୋମବାର ରାତିରେ ଜବତ କରାଯାଇଛି। ସ୍ଥାନୀୟ ଗୋପାଳକଙ୍କ ସାହାଯ୍ୟତାରେ ଗୋରୁ ଗୁଡିକ ଭ୍ୟାନରେ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଓ ବଜରଙ୍ଗ ଦଳର ସଦସ୍ୟ ମାନେ ପହଞ୍ଚି ଯାଇ ଗୋରୁ ଗୁଡିକ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଅଭିଯୁକ୍ତ ଗୋପାଳକଙ୍କୁ ଥାନାକୁ ନେଇ ତଦନ୍ତ କରୁଛି। ବଜରଙ୍ଗୀ ଦଳ ସଂଯୋଜକ ଲକ୍ଷ୍ମୀ ଚରଣ ଜେନା, ଏଲେୟା ରେଡି, ଦୀପକ ରେଡ୍ଡି, କୃତିବାସ, ଅରୁଣ ମହାପାତ୍ର, ପଞ୍ଚୁ ପ୍ରଧାନ, ରାହୁଲ ସାହୁ, ଆଶିଷ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ସଚିନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ବାଲୁଙ୍କେଶ୍ୱର ମନ୍ଦିର-ଆମ୍ବ ମାର୍କେଟ ରାସ୍ତା ଶୋଚନୀୟ

ବ୍ରହ୍ମପୁର,୧୨।୫(ସମିସ)



ରାସ୍ତା ସାରା ଖାଲ, ମରାମତି ଦାବି

ସହରର ପ୍ରମୁଖ ରାସ୍ତା ମଧ୍ୟରୁ ଅନ୍ୟତମ ବାଲେଙ୍କେଶ୍ୱର ମନ୍ଦିର ଠାରୁ ଆମ୍ବ ମାର୍କେଟ ପର୍ଯ୍ୟନ୍ତ ରହିଥିବା ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଥିବା ବେଳେ ଗାଡ଼ି ଚାଳକ ଓ ସାଧାରଣ ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହର ମଧ୍ୟରେ ଗେଟ ବଜାର ଓଭର ବ୍ରିଜ ନିର୍ମାଣ କାମ ଚାଲିଥିବାରୁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରର ବସ୍ ଷ୍ଟାଣ୍ଡକୁ ଡୁଡୁମା କଲୋନୀ ଓ ହଳଦିଆପଦର ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ଏହା ପରଠାରୁ ଭୁବନେଶ୍ୱର ଓ କଟକ ଯାତାୟତ କରୁଥିବା ବସ୍ ଗୁଡ଼ିକ ଡୁଡୁମା କଲୋନୀରୁ ବହାରି ପୁରୁଣା ବ୍ରହ୍ମପୁର ଏବଂ ଆମ୍ବମାର୍କେଟ ଦେଇ ଜାତୀୟ ରାଜପଥକୁ ବାହାରି ଥାଏ। କିନ୍ତୁ ବାଲେଙ୍କେଶ୍ୱର ମନ୍ଦିରରୁ ଆମ୍ବ ମାର୍କେଟ ପର୍ଯ୍ୟନ୍ତ ରାସ୍ତାରେ ଯାତାୟତରେ ଛୋଟ ଓ ବଡ଼ ଯାନବାହନ ଚଳାଚଳ ଅଧିକ ବାଧା ବୃଦ୍ଧି ପାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ରହିଥିବା ବେଳେ ରାସ୍ତାର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ରାସ୍ତାର ଅବସ୍ଥା ଅଧିକ ଦୟନୀୟ ହୋଇପଡ଼ିଛି। ବିଶେଷ କରି ଖାଲଖମାରେ ନିକଟରେ ପଡ଼ିଥିବା ଗୁଡ଼ି କାରଣରୁ ବିଭିନ୍ନ ସମୟରେ ଗାଡ଼ି ଚକା ଖସି ଦୁର୍ଘଟଣା ଘଟୁଥିବା ବେଳେ ବର୍ଷା ସମୟରେ ଖାଲଖମାରେ ବର୍ଷା ପାଣି ଜମା ହେବାରୁ ଦୁର୍ଘଟଣାର ଆଶଙ୍କା ବଢୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଦୁଇଚକିଆ ଚାଳକମାନେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖାଯାଉଛି। ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ବାରମ୍ବାର ପ୍ରଶାସନ ଓ ପୂର୍ତ୍ତ ବିଭାଗଙ୍କୁ ରାସ୍ତା ମରାମତି ଓ ପୁନଃନିର୍ମାଣ ପାଇଁ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଶୀଘ୍ର ରାସ୍ତାର ମରାମତି କରାଯାଇନଗଲେ ଆଗାମୀ ଦିନରେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବ ବୋଲି ସାଧାରଣରେ ଚିନ୍ତା ପ୍ରକାଶ ପାଇଛି। ଯଦି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଅଧିକାରୀ ମାନେ ଏହି ସମସ୍ୟାକୁ ଅଣଦେଖା କରନ୍ତି। ତେବେ ସମସ୍ୟାକୁ ନେଇ ସ୍ଥାନୀୟ ଲୋକ ରାଜରାସ୍ତାରୁ ଓହ୍ଲାଇ ଏହାର ପ୍ରତିବାଦ କରିବେ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଧରାକୋଟ ରଥଖଳା ଚଳଚଞ୍ଚଳ

ଧରାକୋଟ,୧୨।୫(ସମିସ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଗତ ଅକ୍ଷୟ ତୃତୀୟା ଠାରୁ ପୁରୀ ସମେତ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ରଥ ନିର୍ମାଣ ଆରମ୍ଭ ହୋଇଛି। ସେହି ଅନୁଯାୟୀ ବ୍ୟତିକ୍ରମ ପରମ୍ପରାର ନିଦର୍ଶନ ଗଞ୍ଜାମ ଜିଲ୍ଲାର ଧରାକୋଟ ଗଡର ପ୍ରସିଦ୍ଧ ଏକାଦଶୀ ତିଥିରେ ରଥଯାତ୍ରା ପାଇଁ ଏବେ ଧରାକୋଟ ରଥଖଳା ଚଳ ଚଞ୍ଚଳ ହେଲାଣି। ଗତ ଅକ୍ଷୟ ତୃତୀୟା ଠାରୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ମୁଖ୍ୟ ମହାରଣାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ବେଳେ ପୁରୁଣା ରଥକୁ ମଧ୍ୟ ଭଙ୍ଗା ଗଲାଣି। ସମଗ୍ର ଓଡ଼ିଶାରେ ଧରାକୋଟ ରଥଯାତ୍ରାର ଏକ ସ୍ୱତନ୍ତ୍ରତା ରହିଛି। ସମଗ୍ର ବିଶ୍ୱ ସମେତ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଓ ବାହୁଡା ତିଥିରେ ପାଳନ ହେଉଥିବା ରଥଯାତ୍ରା ବେଶ ଖ୍ୟାତି ଅର୍ଜନ କରିଛି। ହେଲେ ଧରାକୋଟରେ ଏହାର ବ୍ୟତିକ୍ରମ ପରମ୍ପରା ଅନୁଯାୟୀ ରଥଯାତ୍ରା ବାହୁଡ଼ା ପରବର୍ତ୍ତୀ ଏକାଦଶୀ ତିଥିରେ ପାଳନ ହୋଇଆସୁଛି। ଧରାକୋଟ ଗଡର ରଥ ପୁରୀର ସୁଭଦ୍ରାଙ୍କ ଦର୍ପ ଦଳନ ରଥ ସହ ସମାନ। ଏହାର ଉଚ୍ଚତା ଓ ଓସାର ଉଭୟ ୩୩ ଫୁଟ। ଏହି ରଥ ନିର୍ମାଣ ପାଇଁ ମୋଟ ୭୮୧ ଖଣ୍ଡ କାଠ ବ୍ୟବହାର ହେଉଛି। ଏଥିରେ ଛଅଟି ଅଖ, ବାରଟି ଚକ ସହ ଚାରି ନାଇକା, ପାରା ଭାଡ଼ି ଉପରେ ଦଧି ନଉତି ରହୁଛି। ନିର୍ମାଣ କାର୍ଯ୍ୟରେ ଅଞ୍ଚଳର କାନ ଗିରିଡି, ବାହାରପୁର, ବେଠୁଆର, ଗଡ ଦାମୋଦରପଲ୍ଲୀ, ଡାକିବଜା, ଗାଙ୍ଗପୁର ଗ୍ରାମର ମହାରଣା ମାନେ ସାମିଲ ଅଛନ୍ତି।



# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ପୋଲସରା,୧୨।୫(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ମା' ସିଂହାସନୀଙ୍କ ଗେଟ ନିକଟରୁ ୧୦ କିଲୋମିଟର ସିଂହାସନୀ ମନ୍ଦିରପାଖ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ୧୯କୋଟି, ୭୬ ଲକ୍ଷ, ୩୪ ହଜାର, ୩୫୦ ଟଙ୍କା ମଞ୍ଜୁର ହୋଇଛି। ଚିରିକିପଡା ଠାରୁ ଗଞ୍ଜାମ ସୀମା ପର୍ଯ୍ୟନ୍ତ ୧୦ କିଲୋମିଟର ଲମ୍ବା ଓ ୭ ମିଟର ଚଉଡ଼ାରେ ରାସ୍ତା ନିର୍ମାଣ କରାଯିବ। ପୂର୍ବରୁ ଏହି ରାସ୍ତାଟି ୫ ମିଟର ଚଉଡା ଥିଲା। ଫଳରେ ଭାରୀଯାନ ଓ ବଡ ଯାତ୍ରୀବସ ଯାତାୟାତ ସମୟରେ ସମସ୍ୟା ହେଉଥିଲା। ଏହି ରାସ୍ତା ନିର୍ମାଣ ହେବା ପରେ ଅଞ୍ଚଳର ଲୋକଙ୍କୁ ଭୁବନେଶ୍ୱର ଗମନାଗମନ ପାଇଁ ସୁଗମ ହେବା ସହ ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲା ମଧ୍ୟରେ ୩୦ କିଲୋମିଟର ରାସ୍ତା କମିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଏସ୍.ଇ ସତ୍ୟରଞ୍ଜନ ପରିଡା, ଏସ.ଡି.ଓ ପ୍ରତାପ ଚନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ଲମ୍ବୋଦର ବେହେରା, ସ୍ପେସିଆଲ କ୍ଲାସ ଠିକାଦାର ସାରଥୀ ସ୍ୱାଇଁ, ଚିରିକିପଡା ଶାସନ ସରପଞ୍ଚ ଭଗବାନ ସାହୁ, ପାଣ୍ଡିରୀପଡା ସରପଞ୍ଚ ରଘୁନାଥ ଭୂୟାଁ, ଭାବରଡ଼ା ସରପଞ୍ଚ ପ୍ରଦ୍ୟୁମ୍ନ ବିଷୋୟୀ, ଗୋଛାବାଡି ସରପଞ୍ଚ ମନୁ ଗୌଡ, ପୋଲସରା ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ପୀତବାସ ପ୍ରଧାନ, ନଗର ସଭାପତି ରାମକୃଷ୍ଣ ପ୍ରଧାନ, ଶାସନ ମଣ୍ଡଳ ସଭାପତି ନୀଳମାଧବ ସାହୁଙ୍କ ସମେତ ଶତାଧିକ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ; ୩ ଗିରଫ



ପୋଲସରା,୧୨।୫(ସମିସ): ଅଳ୍ପଦିନର ବ୍ୟବଧାନ ପରେ ପୋଲସରା ଥାନା ଅଞ୍ଚଳରେ ପୁଣିଥରେ ସକ୍ରିୟ ଅସାମାଜିକ। ପୁରା ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଘର ସାମ୍ନାରେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଜୀବନରୁ ମାରିଦେବାକୁ ଖୋଲାମଖୋଲା ଧମକ ଦେଇଆତଙ୍କ ଖେଳାଇଛନ୍ତି।

## ବନ୍ଧୁକ ଓ ଖଣ୍ଡା ଜବତ

ଏହି ପରି ଘଟଣା ପୋଲସରା ଥାନା ଅନ୍ତର୍ଗତ କଣଛାଇ ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଗତକାଲି କଣଛାଇ ଗ୍ରାମର ରଞ୍ଜନ ଡାକୁଆଙ୍କ ଘର ସମ୍ମାନରେ ଗରେଇଝୁଲି ଗ୍ରାମର ଗୁରୁମୃତି ନାହାକ, କଣଛାଇ ଗ୍ରାମର କୃଷ୍ଣ ନାହାକ ଓ ଡୁଲୁ ନାହାକ ମିଳିତ ଭାବେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ରଞ୍ଜନ ଡାକୁଆଙ୍କ ଘର ସମ୍ମାନରେ ରଞ୍ଜନକୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଯାହାକୁ ନେଇ ରଞ୍ଜନ ୧୧.୫.୨୬ ତାରିଖ ମଙ୍ଗଳବାର ଦିନ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲସରା ଥାନା ପକ୍ଷରୁ ୨୭୭/୨୬ ପ୍ରକାରେ ଏକ ମାମଲା ରୁଜୁ କରି ଘଟଣାକୁ ଗୁରୁତ୍ୱର ନେବା ସହ ମାମଲାର ଖୋଲାତାଡ଼ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଦୁଇଟି ଖଣ୍ଡା ଓ ତିନି ଗୋଟି ମୋବାଇଲ ଜବତ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

# ଅବୁଝାମାଡ଼ ଜଙ୍ଗଲରେ ମାଓ ଡମ୍ପ୍ ଠାବ

## ● କୋଟିଏରୁ ଅଧିକ ଟଙ୍କା ସହ ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି, ୧୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଯବାନମାନେ ମାଟି ତଳୁ ନକ୍ସଲମାନଙ୍କର ଏକ ବଡ ଡମ୍ପ ଠାବ କରିଛନ୍ତି। ଏହି ଡମ୍ପରୁ ଏକେ୪୭, ଏସଏଲଆର, ଇନସାସ, ୩୦୩ ରାଇଫଲ, ଏଲଏମଜି, ବିଜିଏଲ, ରକେଟ୍ ଲଞ୍ଚର ସହ ବହୁ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ଏଥିସହ ନଗଦ ୧ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଆମ୍ ସମର୍ପଣ କରିଥିବା ନକ୍ସଲଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଏହି ଚଢ଼ଉ ହୋଇଥିବା ପୁଲିସ କହିଛି। ନକ୍ସଲମାନେ ସୁରକ୍ଷାବଳ ଉପରେ ବଡ ଆକ୍ରମଣ ପାଇଁ ଏହି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ଅଞ୍ଚଳ ମାଓ ମୁକ୍ତ ହେଉଥିବା ବେଳେ ଏହି ସାମଗ୍ରୀ ଜବତ ମାଓ ସଙ୍ଗଠନକୁ ସମୂଳେ ନାସ କରିବାରେ ସହାୟକ ହେବ ବୋଲି କୁହାଯାଇଛି।

## ବାଘ ଫଟୋ ଭାଇରାଲ ଘଟଣା

# ଦିନରେ ଲୁଚୁଛି, ରାତିରେ ବୁଲୁଛି

ଦିଗପହଣ୍ଡି,୧୨।୫(ସମିସ)

ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧିନ ରତନେଇ ରେଖାଙ୍କିତ ସଂରକ୍ଷିତ ଜଙ୍ଗଲ ଜକର ଫରେଷ୍ଟ ବିଟ୍‌ର ଜକର ଗ୍ରାମ ନିକଟ ମା' ରତନେଇ ମନ୍ଦିର ପାଖରେ ବାଘ ବୁଲୁଥିବା ଫଟୋ ଭିଡ଼ିଓ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ସୋମବାର ସନ୍ଧ୍ୟାରୁ ଚିକିଟି ବନ ବିଭାଗ ସେକ୍ସନ ଫରେଷ୍ଟର କାମନା ଭୁୟାଁ, ଫରେଷ୍ଟ ଗାର୍ଡ ମିତାରାଣୀ ବିଶ୍ୱାସରାୟଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ବନ କର୍ମଚାରୀ, ସ୍କ୍ୱାର୍ଡ ସଦସ୍ୟ ବୃନ୍ଦ ସମ୍ପୃକ୍ତ ଅଞ୍ଚଳରେ ଡ୍ରୋନ୍ କ୍ୟାମେରା ସହାୟତାରେ ସର୍ଭେଲାନ୍ସ କାର୍ଯ୍ୟ ଚଳାଇବା ପରେ ରାତି ପ୍ରାୟ ୧୧ ଟାରେ ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡ୍ରୋନ୍ ଦ୍ୱାରା ଉତ୍ତୋଳିତ ଫଟୋରେ କଲରାପତରିଆ ବାଘର ଛବି ମିଳିଥିଲା। ବାଘଟି ଦିନସାରା ପାହାଡ଼ ଖୋଲରେ ଲୁଚି ରହୁଥିବା

## ଡ୍ରୋନ୍ ସର୍ଭେଲାନ୍ସରୁ ମିଳିଲା ପ୍ରମାଣ

ବେଳେ ରାତିରେ ଜଙ୍ଗଲ ମଧ୍ୟରେ ବୁଲୁଥିବା ଜଣାପଡିଛି। ଗତ ଜାନୁଆରୀରେ ବନ ବିଭାଗ ପକ୍ଷରୁ ବାଘ ଗଣନା କରାଯାଇଥିଲା। ଦିଗପହଣ୍ଡି ରେଞ୍ଜରେ କୌଣସି ପ୍ରକାର ବାଘଙ୍କ ଉପସ୍ଥିତି ନଥିବା ରିପୋର୍ଟରେ ଦର୍ଶାଯାଇଥିଲା। ତେଣୁ ବାଘଟି ବ୍ରହ୍ମପୁର ବନଖଣ୍ଡ ଅଧିନ ଟାମଣା ସଂରକ୍ଷିତ ଜଙ୍ଗଲରୁ ଏଠାକୁ ଚାଲିଆସିଥିବା ଅନୁମାନ କରାଯାଉଛି। କଲରାପତରିଆ ବାଘ କେବଳ ଗୋରୁ, ଗାଈ, ଛେଳି, ମେଣ୍ଢା, ମୃଗ ଭଳି ପ୍ରାଣୀ ମାନଙ୍କୁ ଶିକାର କରିଥାଏ। ବେଳେ ବେଳେ ମଣିଷ ମାନଙ୍କୁ ଦେଖିଲେ ମଧ୍ୟ ଆକ୍ରମଣ କରିଥାଏ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଡ଼.ଅନନ୍ତରାମ କର କହିଛନ୍ତି। ମଙ୍ଗଳବାର ଚିକିଟି ସେକ୍ସନର ଫରେଷ୍ଟର ମିତାରାଣୀ ବିଶ୍ୱାସରାୟଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଉଷାରାଣୀ ପ୍ରଧାନ, ସରୋଜ ମଲ୍ଲିକଙ୍କ ସମେତ ପାରା ବନ କର୍ମଚାରୀ ବୃନ୍ଦ ସମ୍ପୃକ୍ତ ଇଲାକାରେ ଉପସ୍ଥିତ ରହି ବାଘର ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଗତ ଶନିବାର ସନ୍ଧ୍ୟାରେ କିଛି ବ୍ୟକ୍ତି କାର ଓ ବାଇକରେ ଦିଗପହଣ୍ଡିରୁ ଚିକିଟି ଅଭିମୁଖେ ଯାଉଥିବା ବେଳେ ଏକ କଲରା ପତରିଆ ବାଘ ( ଲିଓପାର୍ଡ) କୁ ଦେଖି ମୋବାଇଲରେ ଭିଡିଓ ଓ ଫୋଟ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରେ ବନ ବିଭାଗ ନିକଟସ୍ଥ ଗୁହାଳ ଓ ନଦୀ ଘାଟ ନିକଟରେ ୨ଟି ଟ୍ରାପ୍ କ୍ୟାମେରା ମଧ୍ୟ ସଂଯୋଗ କରିଥିଲେ। ଜଙ୍ଗଲ ସିମାବର୍ତ୍ତୀ ଗୁହାଳ ମାନଙ୍କରେ ପ୍ରାଣୀ ମାନଙ୍କୁ ନରଖିବା ସହ ଜାଳ କାଠ ସଂଗ୍ରହ ପାଇଁ ଲୋକଙ୍କୁ ଜଙ୍ଗଲ ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯିବା ସହ ଅଯଥା ଭୟଭୀତ ନହେବାକୁ ପରାମର୍ଶ ଦିଆଯାଇଥିବା ରେଞ୍ଜର କହିଛନ୍ତି। ସେହିପରି ସମ୍ପୃକ୍ତ ଇଲାକାରେ ବାଘ ଉପଦ୍ରୁତ ନେଇ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ● ସାମାଜିକ ନାଟକର ବହି ପୂଜା

# ଅଭିନୟ କରିବେ ସାମ୍ବାଦିକ ଗୋଷ୍ଠୀ

ସାନଖେମୁଣ୍ଡି,୧୨।୫(ସମିସ): ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନେ କେବଳ ଖବର ସଂଗ୍ରହ ଓ ପରିବେଷଣରେ ସୀମିତ ନାହାନ୍ତି। ସାମାଜିକ ଜନ ଜୀବନରେ ଘଟୁଥିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କୁ



କଳା ସଂସ୍କୃତି ମାଧ୍ୟମରେ ସଚେତନତା ସହ ଜୀବନଧର୍ମୀ ସାମାଜିକ ନାଟକ ମଞ୍ଚସ୍ଥ କରିବାକୁ ଯାଉଛନ୍ତି। ଯାହା ମଙ୍ଗଳବାର ଲୋକନାଥେଶ୍ୱର ମନ୍ଦିର ପରିସରରେ ଉତ୍ସାହି ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ସାମାଜିକ ନାଟକ ପରିବେଷଣ ପାଇଁ ନାଟକ ପୁସ୍ତିକା ପୂଜନ ହୋଇଯାଇଛି। ଏ କେମିତି ସମ୍ପର୍କ ନାଟକ ମଞ୍ଚସ୍ଥ କରାଯିବ। ଏହି ନାଟକର ସବୁ ଚରିତ୍ର ଭୂମିକାରେ ଉତ୍ସାହୀ ସାମ୍ବାଦିକ ମାନେ ଅଭିନୟ କରିବେ। ଯୁବ ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ପ୍ରଧାନ ନିର୍ଦ୍ଦେଶନା ଦେଉଥିବା ବେଳେ ଆଜିର ଶୁଭ ମହୁରତ ନାଟ୍ୟ ପୁସ୍ତିକା ପୂଜନରେ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ପ୍ରଶାନ୍ତ କୁମାର ତ୍ରିପାଠୀ, ସାନଖେମୁଣ୍ଡି ପ୍ରେସ କ୍ଲବ ସଭାପତି କାଳୁଚରଣ ନାହାକ, ସମ୍ପାଦକ ସତ୍ୟ ନାରାୟ ପାଢ଼ୀ, ବିରୋତମ ସାହୁ, ପପୁ ରଣା, ନାଗେଶ ରେଡି, ଦ୍ୱାରିକାନାଥ ତ୍ରିପାଠୀ, ଶଙ୍କର ସ୍ୱାଇଁ, ଅତିଥି କଳାକାର କୈଳାଶ ଚନ୍ଦ୍ର ନାୟକ, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ଲୋକନାଥେଶ୍ୱର ମନ୍ଦିର ସମ୍ପାଦକ ଗୋପାଳ ଚନ୍ଦ୍ର ସାବତ ଉପସ୍ଥିତ ରହି ବହି ପୂଜା ସହ ନାଟକର ଅଭ୍ୟାସ ଆରମ୍ଭ କରିଛନ୍ତି ତେବେ ନାଟକଟି ଆସନ୍ତା ଜୁନ ମାସ ପ୍ରଥମ ସପ୍ତାହରେ ପରିବେଷଣ ହେବ। ପୂର୍ବରୁ ସାନଖେମୁଣ୍ଡି ପ୍ରେସ କ୍ଲବ୍ ତରଫରୁ ଭୁଲ୍ ତୋର ଭୋଗୁଛି ମୁଁ ନାଟକ କରି ବେଶ୍ ପ୍ରଶଂସା ସାଉଁଟିଥିଲା।

## ଖେମୁଣ୍ଡି ଉନ୍ନୟନ ମଞ୍ଚର ଆଲୋଚନା ସଭା

# ରେଳ ଲାଇନ ପାଇଁ ଦାବି

ଦିଗପହଣ୍ଡି,୧୨।୫(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଗୋପାଳ ସମାଜ କୋଠ ଘର ପରିସରରେ ଦକ୍ଷିଣ ଓଡ଼ିଶା ବିକାଶ ସମିତି ଆନୁକୂଲ୍ୟରେ ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ଼ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ସଭାରେ ଯୋଗଦେଇ ସମଗ୍ର ଦକ୍ଷିଣ ଓଡ଼ିଶାର ବହୁ ପ୍ରତିକ୍ଷୀତ ଗୋପାଳପୁର-ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ସର୍ଭେ ସରିଛି। ଏହି ନୂତନ ରେଳ ଲାଇନ୍ ଗୋପାଳପୁର ଠାରୁ ଜଗନ୍ନାଥପୁର, ଗୁରୁଣ୍ଡୀ, ବାଲିପଡ଼ା, ଅନଙ୍ଗପୁର, ଦିଗପହଣ୍ଡି, ଗୁମା, ଭୀଷ୍ମଗିରି, ଚାକୁଣ୍ଡାପଲ୍ଲୀ ଦେଇ ଗଜପତି ଜିଲା ଚାନ୍ଦିପୁଟ, ଅନ୍ତର୍ବା ଠାରୁ ରାୟଗଡ଼ାକୁ ସଂଯୋଗ କରିବ। କିନ୍ତୁ ଓଡ଼ିଶା ପ୍ରତି ଅସହିଷ୍ଣୁ ଆନ୍ଧ୍ରର କିଛି ମୁଷ୍ଟିମେୟ ରେଳ ଅଧିକାରୀ ଉକ୍ତ ସର୍ଭେ ରିପୋର୍ଟକୁ ବଦଳାଇ ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ରେଳ ଲାଇନ୍‌କୁ ଗୋପାଳପୁରରୁ କନ୍ଧମାଳ ଭାୟା ଗଜପତି ଦେଇ ରାୟଗଡ଼ାକୁ ସଂଯୋଗ ପାଇଁ ଯୋଜନାବଦ୍ଧ ଉଦ୍ୟମ ଚଳାଇଛନ୍ତି। ତେଣୁ ପୂର୍ବରୁ ସର୍ଭେ କରାଯାଇଥିବା ରିପୋର୍ଟ ଆଧାରରେ ନୂଆ ରେଳ ଲାଇନ୍ ନିର୍ମାଣ କରିବା ପାଇଁ ସେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ପୂର୍ବତଟ ରେଳ ମୁଖ୍ୟ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ଏହି ନୂତନ ରେଳ ଲାଇନ କାମ ତୁରନ୍ତ ଆରମ୍ଭ କରିବା ପାଇଁ ସେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ। ତୃତୀୟ ପାଳି ପାଇଁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଆସିବା ପରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟ ବାହୁଦା ନଦୀ ମୁହାଣରେ ପ୍ରସ୍ତାବିତ ବୃହତ ବନ୍ଦର ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିଛି। ବାହୁଦା ବନ୍ଦର ସହ ଗୋପାଳପୁର ବନ୍ଦରକୁ ନୂତନ ରେଳ ଲାଇନ୍ ନିର୍ମାଣ କରାଯିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ସମିତି ପକ୍ଷରୁ ପୂର୍ବରୁ ଦାବି କରାଯାଇଥିବା ନେଇ ସେ ସଭାରେ ଉଲ୍ଲେଖ କରିଥିଲେ। ବ୍ରହ୍ମପୁର ରେଳ ଷ୍ଟେସନକୁ ବାଇପାସ୍ କରି ଏହି ରେଳ ଲାଇନ୍ ସିଧାସଳଖ ଚିକିଟି ନିକଟସ୍ଥ ପ୍ରସ୍ତାବିତ ବାହୁଦା ବନ୍ଦରକୁ ସଂଯୋଗ ହୋଇପାରିବ। ନୂତନ ରେଳ ଲାଇନ୍ ବ୍ରହ୍ମପୁର ରିଙ୍ଗ ରୋଡ୍ ଦେଇ ଲାଞ୍ଜିଆ - ଦକ୍ଷିଣପୁରରୁ ହଳଦିଆପଦର ନିକଟରେ ଚେନ୍ନାଇ-ହାୱଡ଼ା ମୁଖ୍ୟ ରେଳ ଲାଇନରେ ସଂଯୋଗ ହୋଇପାରିବ। ଫଳରେ ବ୍ରହ୍ମପୁର ରେଳ ଷ୍ଟେସନରେ ଭିଡ଼କୁ ରୋକାଯାଇ ବାହୁଦା ବନ୍ଦରକୁ ମାଲ୍ ପରିବହନ ସହଜ ହୋଇପାରିବ। ପ୍ରାରମ୍ଭିକ ସର୍ଭେରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ନୂତନ ରେଳ ଲାଇନ ଦ୍ୱାରା



ଏହି ସବୁ ଅଞ୍ଚଳର ଅର୍ଥନୈତିକ ବିକାଶ ସାଙ୍ଗକୁ ବ୍ୟବସାୟିକ ସଫଳତା ବୃଦ୍ଧି ପାଇବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସଭାରେ ଦକ୍ଷିଣ ଓଡ଼ିଶା ବିକାଶ ସମିତିର କାର୍ଯ୍ୟକର୍ତ୍ତା ସୁଜିତ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସରପଞ୍ଚ ମନୋରଞ୍ଜନ ଗୌଡ଼, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ରବିଚନ୍ଦ୍ର ଗୌଡ଼, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ପ୍ରଫୁଲ୍ଲ ମହାନ୍ତି, ବାୟାଧର ଗୌଡ଼, ଆଇନଜୀବୀ ନକୁଳ ପ୍ରଧାନ, ସାମାଜିକ କର୍ମୀ ବୃନ୍ଦାବନ ପଣ୍ଡା, ଶୁଭେନ୍ଦୁ ପାଢ଼ୀ, ପ୍ରକାଶ ସେଠୀ, ସନ୍ତୋଷ ସାହୁ, ମାଗତା ପ୍ରଧାନ, ସନ୍ତୋଷ ଗୌଡ଼, ପ୍ରଦୀପ ବକ୍ସି, ସୀମାଞ୍ଚଳ ଗୌଡ଼, ମନୋରଞ୍ଜନ ରଇତ, ବିଜୟ ମଲ୍ଲିକ, ରମେଶ ଗମାଙ୍ଗ, ବିଶ୍ୱନାଥ ଗମାଙ୍ଗ, ପ୍ରକାଶ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ରକୁ ଜାତୀୟ ପୁରସ୍କାର




ଛତ୍ରପୁର,୧୨।୫(ସମିସ): ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ରକୁ ଜାତୀୟ ପୁରସ୍କାର ମିଳିଛି। ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାର ପୁରସ୍କାର ଯୋଜନାରେ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ଭାବେ ପଞ୍ଚାୟତ ଆୱାର୍ଡ-୨୦୨୬ ପୁରସ୍କାର ପାଇବା ପାଇଁ କୃତିତ୍ୱ ଲାଭ କରିଛି। ଏନେଇ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟର ଆର୍ଥିକ ପରାମର୍ଶଦାତା ଡ. ବିଜୟ କୁମାର ବେହେରା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଗଞ୍ଜାମ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ୨୦୨୪-୨୫ ବର୍ଷରେ ପଞ୍ଚାୟତରାଜ ବିଭାଗର ଗଞ୍ଜାମ ଜିଲ୍ଲାର ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଏହି ବାବଦରେ ରାଜସ୍ୱ ଆଦାୟରେ ମଧ୍ୟ ବେଶ ସହାୟକ ହୋଇପାରିଛି। ଫଳରେ ଜାତୀୟ ପୁରସ୍କାର ପାଇଁ ପାଇବାର ହକଦାର ହୋଇପାରିଛି। ମିଳିଥିବା ସୂଚନାନୁସାରେ, ଏହି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ୪୪୩ ବ୍ୟାଚକୁ ପ୍ରଶିକ୍ଷଣ ଦିଆଯାଇଛି।୨୪ ହଜାର ୬୧୨ ଜଣ ପ୍ରଶିକ୍ଷଣ ନେଇଥିବା ବେଳେ ସେଥିମଧ୍ୟରୁ ୮ ହଜାର ୫୫୯ ଜଣ ପଞ୍ଚାୟତ ପ୍ରତିନିଧି ରହିଥିବା ବେଳେ ୧୬ ହଜାର ୫୩ ଜଣ ବିଭିନ୍ନ କର୍ମଚାରୀ ଓ ଅଧିକାରୀ ରହିଛନ୍ତି। ଏହି ବାବଦରେ ପ୍ରାୟ ୫୮ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରିଛି।

## ମା'ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା

# ନିଆରା ଦୃଶ୍ୟ ବେଶଧାରୀ ପରମ୍ପରା

ଛତ୍ରପୁର,୧୨।୫(ସମିସ)

ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ଗତ ୪ ତାରିଖରୁ ଚାଲୁଛି। ଅସ୍ଥାୟୀ ମଣ୍ଡପରେ ମା' ବିଜେ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପ୍ରତ୍ୟେହ ସନ୍ଧ୍ୟାରେ ମା ସାହିକୁ ସାହି ବୁଲି ଶ୍ରଦ୍ଧାଳୁଙ୍କ ଠାରୁ ଭୋଗ ଗ୍ରହଣ କରୁଛନ୍ତି। ବିଭିନ୍ନ ପ୍ରକାର ବାଜ୍ୟ ବାଜଣା ସାଙ୍ଗକୁ ବହୁ ପଟୁଆର ମାଙ୍କ ଯାତ୍ରାର ଶୋଭା ବର୍ଦ୍ଧନ କରୁଛି। ଏହି ଯାତ୍ରାର ଏକ ନିଆରା ପରମ୍ପରା ହେଉଛି ବେଶଧାରୀ ପରମ୍ପରା। କୁହାଯାଏ. ମାନସିକଧାରୀ ମାନେ ନିଜ ନିଜ ମାନସିକ ପୂର୍ଣ୍ଣ ହେବା ପାଇଁ ବିଭିନ୍ନ ପ୍ରକାର ଠାକୁରଙ୍କ ବେଶ ଧାରଣ କରି ମା'ଙ୍କ ପାଖରେ ନିଜକୁ



ସମର୍ପଣ କରିଥାନ୍ତି। କୃଷ୍ଣ, ବଳରାମ, ରାମ, ଲକ୍ଷ୍ମଣ, ସୀତା, ହନୁମାନ, କାଳୀ, ଦୁର୍ଗାଙ୍କ ସମେତ ବିଭିନ୍ନ ଦେବାଦେବୀଙ୍କ ବେଶ ଧାରଣ କରି ମାଙ୍କୁ ଦର୍ଶନ କରିଥାନ୍ତି ଶ୍ରଦ୍ଧାଳୁ। କାହିଁ କେଉଁ ଅନାଦି ଅନନ୍ତ କାଳରୁ ଏହି ପରମ୍ପରା ଚାଲି ଆସୁଥିବା ବେଳେ ସହରରେ ବିଭିନ୍ନ ଚିତ୍ରାଳୟ ମାନ ଖୋଲାଗଲାଣି। ନାନା ପ୍ରକାର ଅଳଙ୍କାର ସହିତ ବେଶ ଭୂଷାରେ ବ୍ୟବହୃତ ସାମଗ୍ରୀ ଓ ରଙ୍ଗ ତୂଳୀକୁ ସଜେଇ ରଖିଲେଣି ଦୋକାନୀ ମାନେ। ସହରର ମୁଖ୍ୟ ରାସ୍ତା ଆଲୋକମାଳାରେ ସୁସଜ୍ଜିତ ହୋଇ ରହିଥିବା ବେଳେ ସହର ମଧ୍ୟରେ ବେଶଧାରୀ ମାନଙ୍କ ଗହଳି ଚହଳି ସହର ବାସିନ୍ଦା ତଥା ସହରକୁ ଆସୁଥିବା ଲୋକଙ୍କୁ ବେଶ୍ ଆକୃଷ୍ଟ କରିଛି। ସେହିପରି ଗଞ୍ଜାମ ଜିଲ୍ଲାର ନିଆରା ପରମ୍ପରା ବାଘ ବେଶ ମଧ୍ୟ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଜୀବନ୍ତ ହୋଇଉଠିଛି। ବାଘର ଅଭିବ୍ୟକ୍ତି ସହିତ ନିଜକୁ ବାଘର ସ୍ୱରୂପରେ ଅଭିନୟ କରି ଦର୍ଶକଙ୍କୁ ଆକୃଷ୍ଟ କରିବାରେ ଲାଗି ପଡିଛନ୍ତି କଳାକାର ମାନେ। ପିଲାଖାଇ ଡାହାଣୀ ବେଶରେ ମଧ୍ୟ କଳାକାର ମାନେ ନିଜ ନୃତ୍ୟ ପ୍ରଦର୍ଶନ କରି ଶ୍ରଦ୍ଧାଳୁଙ୍କ ମନ ମୋହୁଛନ୍ତି। ତେବେ ଏଭଳି ପରମ୍ପରା ସାଧାତଣତଃ ଠାକୁରାଣୀ ଯାତ୍ରା ମାନଙ୍କରେ ବିଶେଷ ଭାବେ ଦେଖିବାକୁ ମିଳୁଥିବା ବେଳେ ଚିତ୍ରାଳୟ ମାଲିକ ମାନେ ମଧ୍ୟ ବେଶ ଦୁଇ ପଇସା ରୋଜଗାର କରିପାରୁଥିବା କହୁଛନ୍ତି।

# ନବମ ଦିନରେ ମା'ରାମାୟାଣାମ୍ମାଙ୍କ ସାହି ପରିକ୍ରମା



ଛତ୍ରପୁର,୧୨।୫(ସମିସ):ଛତ୍ରପୁରସହରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଧୁମ୍‌ଧାମରେ ଚାଲିଛି। ସୋମବାର ନବମ ଦିନରେ ମା'ଙ୍କ ଘଟ ଅସ୍ଥାୟୀ ଯାତ୍ରା ମଣ୍ଡପରୁ ବାହାରି ରିକାପଲ୍ଲୀ ଗେଟ୍, କଳ୍ପବାସିନୀ ନଗର ଓ ଚନ୍ଦ୍ରଶେଖର ସାହି ପରିକ୍ରମା କରିଥିଲେ। ଏହାସହ ରିକାପଲ୍ଲୀ ହରିଜନସାହିର ଭୋଗ ମଧ୍ୟ ମାଙ୍କୁ ଶ୍ରଦ୍ଧାଳୁମାନେ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଦହିଭାତ ଭୋଗ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ଆଳତୀ ହୋଇଥିଲା। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିଥିଲେ। ମା'ଙ୍କ ଏହି ଘଟ ପରିକ୍ରମା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଂଚଳରୁ ବହୁ ଭକ୍ତଙ୍କ ଜନ ସମାଗମ ହେଉଛି। ମା'ଙ୍କ ଘଟ ନଗର ପରିକ୍ରମା ସମୟରେ ଯେପରି କୌଣସି ଅସୁବିଧା ନ ହେବ ସେଥି ନିମନ୍ତେ ଛତ୍ରପୁର ଥାନାର ବହୁ ପୁଲିସ୍ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ମା'ଙ୍କ ଘଟ ଚାରିପଟୁ ଦଉଡ଼ିରେ ବ୍ୟାରିକେଡ଼ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସି ଏଚ୍ ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଡ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, ସମ୍ପାଦକ ପି. ରାଜୁରେଡ୍ଡୀଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ପରିଚାଳନା କରିଥିଲେ।

## ମଦ ପିଇବାକୁ ବାରଣ କରିବାରୁ ଜୀବନ ହାରିଲା ବାପା

**ଦାରିଙ୍ଗବାଡି,୧୨।୫(ସମିସ):** ନିଶା ସେବନ ପାଇଁ ପୁଅ ବାରଣ କରିବାରୁ କୀଟନାଶକ ପିଇ ଜୀବନ ହାରିଲେ ବାପା। ଏପରି ଅଭାବନୀୟ ଘଟଣା ଘଟିଛି ଦାରିଙ୍ଗବାଡି ଥାନା ବାଡ଼ାବାଙ୍ଗା ପଞ୍ଚାୟତ ବାଲୁବାଙ୍ଗା ଗ୍ରାମରେ। ମୃତ ବୃଦ୍ଧ ହେଲେ ସୀତାରାମ ନାୟକ (୬୨)। ସୋମବାର ସନ୍ଧ୍ୟାରେ ସୀତାରାମ ମଦ୍ୟପାନ କରି ଘରକୁ ଫେରିଥିଲେ। ବାପାଙ୍କୁ ନିଶାସକ୍ତ ଅବସ୍ଥାରେ ଦେଖି ପୁଅ ମୁରଲୀ ନାୟକ ବିରୋଧ କରିବା ସହ ମଦ ନ ପିଇବାକୁ କହିଥିଲେ। ହେଲେ ନିଶାସକ୍ତ ଅବସ୍ଥାରେ ଥିବା ବୃଦ୍ଧ କୋବି ଚାଷ ପାଇଁ ଥିବା କୀଟନାଶକ ଔଷଧ ପିଇ ଦେଇଥିଲେ। ପୁଅ ତୁରନ୍ତ ତାଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେବା ବେଳେ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଅ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଅର୍ଜୁନ ଶବର ସୂଚନା ଦେଇଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଆସିକା,୧୨।୫(ସମିସ):** ଆସିକା ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ସ୍ଥିତ ଏନଏସି ମାର୍କେଟ କମ୍ପ୍ଲେକ୍ସ ପାଶ୍ୱର୍ରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କିଛିମାସ ହେଲା ମାନସିକ ବିକୃତ ଯୁବକଟି ନ ଖାଇ ପିଇ ବୁଲୁଥିଲେ। ତେବେ ମଙ୍ଗଳବାର ପଡି ରହି ଥିବା ବେଳେ ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ। ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ରଙ୍ଗେଇଲୁଣ୍ଡା,୧୨।୫(ସମିସ):** ଗୋଳନ୍ଥାରା ଥାନା ଅନ୍ତର୍ଗତ କନିସି ହାଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କାର୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଗ୍ରାମର ରମେଶ ବେହେରା(୫୫)। ସୂଚନାନୁସାରେ ରମେଶ ପରିବା କିଣିବା ପାଇଁ କନିସି ହାଟ ଯାଇଥିଲେ। ପରିବା କିଣି ୧୬ନଂ ଜାତୀୟ ରାଜପଥ ପାର୍ ହେଉଥିବାବେଳେ ଏକ କାର୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି।

**ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଣ୍ଡ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

## କନ୍ଧମାଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ



**ଜି.ଉଦୟଗିରି,୧୨।୫(ସମିସ):** ଅନୁଗୁଳ ଜିଲ୍ଲାର ନାଲକୋନଗର ଆଲୁମିନିୟମ ମଜଦୁର ସଂଘ ସଭାଗୃହରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନବନିର୍ବାଚିତ ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ ସଭାପତି ତଥା ପଞ୍ଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାୟକ, ମହାସଚିବ ପ୍ୟାରୀ ମୋହନ ନାୟକଙ୍କ ସମେତ ଗୋଁଣ୍ଡ ସମାଜର ମୁଖିଆ ଯୋଗ ଦେଇଥିଲେ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ବୈଠକରେ ଗୋଁଣ୍ଡ ସମାଜର ସାମାଜିକ, ସାଂସ୍କୃତିକ ଐତିହ ଓ ଶୈକ୍ଷିକ ବିକାଶ ପାଇଁ ଆଗାମୀ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନବ ନିର୍ବାଚିତ ପଦାଧିକାରୀଙ୍କ ସହ ମିଶି ଗୋଁଣ୍ଡ ସମାଜର ସମସ୍ତ ବର୍ଗଙ୍କୁ ଏକଜୁଟ କରିବା ତଥା ସେମାନଙ୍କ ସ୍ୱାର୍ଥରକ୍ଷା ସହ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ପଦକ୍ଷେପ ନେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ସଭାପତି ଭାବେ ବିଷ୍ଣୁଚରଣ ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିବା ବେଳେ ରାଜ୍ୟସ୍ତରୀୟ ସଚିବ ଭାବେ ଅନିଲ କୁମାର ଦଳବେହେରା, ସଚିବ ସୂଚନା ନବୀନ ପାତ୍ର, କମିଟି ସଦସ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ନାମ ଘୋଷଣା କରାଯାଇଛି। କନ୍ଧମାଳ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁ ଥିବା ବେଳେ ଗୋଁଣ୍ଡ ସମାଜରେ ଏକତା ଏବଂ ଅଖଣ୍ଡତା ବଜାୟ ରହିବ ବୋଲି କହିଛନ୍ତି ପଦାଧିକାରୀ। କନ୍ଧମାଳ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି କନ୍ଧମାଳ ସଭାପତି କହିଛନ୍ତି।

**ମହେନ୍ଦ୍ର ମେଳା ଉତ୍ସବକୁ ବିରୋଧ**

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମହେନ୍ଦ୍ରାଞ୍ଚଳବାସୀ

**ପାରଳାଖେମୁଣ୍ଡି,୧୨।୫(ସମିସ):**



ଓଡ଼ିଶାର ସର୍ବ ପୁରାତନ ଶୈବପୀଠ ମହେନ୍ଦ୍ରଗିରି ଶିଖରରେ ଚାଲିଥିବା ମନମୁଖୀ ଖନନ, ଅନୈତିକ କାର୍ଯ୍ୟକଳାପ, ପବିତ୍ର ପ୍ରାକୃତିକ ପରିବେଶ ନଷ୍ଟ, ମହେନ୍ଦ୍ରଗିରି ସହ ଜଡ଼ିତ ନିରୀହ ଆଦିବାସୀଙ୍କୁ ଅତ୍ୟାଚାର ସହିତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗଙ୍କ ନିୟମାବଳୀର ଉଲ୍ଲଂଘନ ବିରୋଧରେ ଆସନ୍ତାକାଲି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ମହେନ୍ଦ୍ରାଞ୍ଚଳବାସୀ। ରାୟଗଡ଼ ବ୍ଲକ ମହେନ୍ଦ୍ରାଞ୍ଚଳ ଆଦିବାସୀ, ବିଶ୍ୱବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର) ଓ ପୂଜାରୀ ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ଏ ସମ୍ପର୍କରେ ପ୍ରଦାନ କରିଛନ୍ତି।

ସେମାନେ ଜଣାଇଛନ୍ତି ଯେ, କେଉଁ ଆଦିମ କାଳରୁ ସେମାନଙ୍କ ପୂର୍ବ ପୁରୁଷ ମହେନ୍ଦ୍ରଗିରି ଶୈବପୀଠରେ ଥିବା ମନ୍ଦିରରେ ନିଃସ୍ୱାର୍ଥପର ଭାବେ ପୂଜା, ମନ୍ଦିରର ଗୁଡିକର ରକ୍ଷଣାବେକ୍ଷଣ ଓ ସେଠାର ପ୍ରାକୃତିକ ପରିବେଶର ସୁରକ୍ଷା ନିରବଚ୍ଛିନ୍ନ ଭାବେ କରୁଛନ୍ତି। ଏଭଳି ସ୍ଥିତିରେ କିଛି ଅନୁପ୍ରବେଶକାରୀ ଭଣ୍ଡ ବାବା, କିଛି ଟାଉଟର, କିଛି କୁଜି ନେତା, ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତି ନିୟମିତ ମହେନ୍ଦ୍ରଗିରିକୁ ଆସି ସେଠାର ଧାର୍ମିକ ପରିବେଶକୁ କଳୁଷିତ କରୁଛନ୍ତି। ଏଥିଯୋଗୁ ଅଦିବାସୀଙ୍କ କୌଳିକ ପ୍ରଥା, ରୀତିନୀତି, ପରମ୍ପରା, ସଂସ୍କୃତି, ସମୂଳେ କ୍ଷୁଣ୍ଣ ହେବାରେ ଲାଗିଛି। ଏପରିକି ପବିତ୍ର ମହେନ୍ଦ୍ରଗିରି ଶିଖରେ ଭୋଜିଭାତର ଆୟୋଜନ, ଉକ୍ତ ଭୋଜିରେ ମଦ୍ୟପାନ, ମାଂସ ଭକ୍ଷଣ ଭଳି ନିନ୍ଦନୀୟ କାର୍ଯ୍ୟ କରାଯାଉଛି। ମହେନ୍ଦ୍ରଗିରି ଅଞ୍ଚଳରୁ ଖଣିଜ ରତ୍ନ ପଥର, ପ୍ରାଚୀନ ଦୁର୍ଲଭ ମୂର୍ତ୍ତି, ଶିବଲିଙ୍ଗ, ଇତ୍ୟାଦି ଚୋରିକରି ନେବାର ପ୍ରମାଣ ମଧ୍ୟ ରହିଛି। ବର୍ତ୍ତମାନ କିଛି ଭଣ୍ଡବାବା, କିଛି ମୁଷ୍ଟିମେୟ ଓ ରାଜନେତାଙ୍କ ସହାୟତାରେ ମହେନ୍ଦ୍ର ମେଳା ଉତ୍ସବ ନାମରେ ଏକ ପ୍ରହସନ କରିବାକୁ ଯାଉଛନ୍ତି। ଯାହା ମହେନ୍ଦ୍ରଗିରିର ଇତିହାସରେ ନାହିଁ। ଉକ୍ତ ମେଳା ଉତ୍ସବରେ ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାଂସ୍କୃତିକ ଓ ପରମ୍ପରାକୁ ବ୍ୟାଘାତ ସୃଷ୍ଟି ହେବା ସମ୍ଭାବନା ରହିଥିବାରୁ ବିରୋଧ କରୁଛୁ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ ଘୋଷଣା କରିବା ନିମନ୍ତେ ଦାବି ଓ ଅନୁରୋଧ କରାଯାଇଛି। ଯଦି ଉକ୍ତ କାର୍ଯ୍ୟକ୍ରମ ବନ୍ଦ ଘୋଷଣା କରା ନ ଯାଏ ତେବେମହେନ୍ଦ୍ରାଞ୍ଚଳ ଆଦିବାସୀ ବୁଧବାର ଠାରୁ ମହେନ୍ଦ୍ରଗିରି ଶିଖରରେ ଅନିର୍ଦ୍ଦିଷ୍ଟକାଳ ପାଇଁ

### ବିକାଶ ନାମରେ ବିନାଶ କରାଯାଉଥିବା ଅଭିଯୋଗ

ଧାରଣାରେ ବସିବେ ବୋଲି କହିଛନ୍ତି। ଏଥିନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଚେତାଇ ଦିଆଯାଇଛି। ଅଭିଯୋଗକୁ ଶୁଣି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏନେଇ ବିଚାର କରାଯିବ ବୋଲି କହିଥିବା ଜଣାପଡିଛି। ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ମହେନ୍ଦ୍ର ଅଞ୍ଚଳବାସୀ ପ୍ରଦୀପ କୁମାର ଭୂୟାଁଙ୍କ ନେତୃତ୍ୱରେ ତିନି ଜଣିଆ ଟିମ୍ ସଦସ୍ୟେ ଉପସ୍ଥିତ ଥିଲେ। ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ସମାନ ପ୍ରକାରର ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ୮୧ କିଲୋ ଗଞ୍ଜେଇ ଜବତ; ୨ ଗିରଫ



**ବାଲିଗୁଡା,୧୨।୫(ସମିସ):** ବାଲିଗୁଡ଼ା ପୁଲିସ ୮୧ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ କରିଛି। ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ସୋମବାର ବାଲିଗୁଡ଼ା ଥାନା ମିଡ଼ିଆକିଆ ପଞ୍ଚାୟତ ସେନାପଡ଼ି ଅଞ୍ଚଳରେ ବାଲିଗୁଡ଼ା ପୁଲିସର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରିବା ସମୟରେ ଏକ ସ୍କର୍ପିଓ ଗାଡିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ଘଟଣା ସ୍ଥଳରୁ ଗାଡ଼ି ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତ ୨ ଜଣ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଦଣ୍ଡସାହିର ଲୋକନାଥ ରାଉତ (୩୪) ଓ ଦେବ ପ୍ରସନ୍ନ ସ୍ୱାଇଁ (୩୭) ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା ସୂଚନା ଦେଇଛନ୍ତି।

## ସୁଗଡ଼ବାଡ଼ିରେ ୫୩୦ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ

**ରାଇକିଆ,୧୨।୫(ସମିସ):** ରାଇକିଆ ବ୍ଲକ ସୁଗଡ଼ବାଡିରେ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ଅସହାୟ, ବିଧବା ମହିଳା ଓ ଦରିଦ୍ର ପରିବାରଙ୍କ ପାଇଁ ରିଲିଫ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମରେ ୫୩୦ ପରିବାରକୁ ରାସନ କିଟ୍ ବଣ୍ଟନ କରାଯାଇଥିଲା। ବଣ୍ଟନ କରାଯାଇଥିବା




ରାସନ କିଟ୍‌ରେ ଚାଉଳ, ଡାଲି, ଚିନି, ଖାଦ୍ୟ ତେଲ, ସୋୟାବିନ୍, ଲୁଣ ସହ ୫ କିଲୋ ଆଟା ଓ ଅନ୍ୟାନ୍ୟ ଆବଶ୍ୟକ ଖାଦ୍ୟ ସାମଗ୍ରୀ ରହିଥିଲା। ସୁଗଡ଼ବାଡି ସରପଞ୍ଚ ସୁରଞ୍ଜନ ପ୍ରଧାନ ଓ ୱାର୍ଡ ସଦସ୍ୟ ଖ୍ରୀଷ୍ଟ ଦାସ ପ୍ରଧାନ ଯୋଗ ଦେଇ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ପେଟାମାହା, ରାଡାବାଲି, କାପୁଗୁଟା, ନାହୁଡିମାହା, ପାଙ୍ଗାମାହା, ପିପଳାବାଡି, ସିହୁରିପାଙ୍ଗା, ଲାଟେଡି, ପ୍ରତାପିଡା, ପିଟାଇର୍ପି, ଆଲମରାମୁ, କାଳିଗାଡୁ, କାମ୍ବାରିକିଆ, ମୁରୁଡିପାଙ୍ଗା, ଦିବାରି, ଡିଗୀ ଓ ଲାମୁଙ୍ଗିଆ ଆଦି ଗ୍ରାମର ପରିବାରଙ୍କୁ ରିଲିଫ ଦିଆଯାଇଥିଲା। ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟର ସମ୍ପାଦକ ବିନୟ କୀର୍ତ୍ତି, ସଭାପତି ସୁରେଖା ଡିଗାଲ ଓ କୋଷାଧ୍ୟକ୍ଷ ରମେଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



**ପାରଳାଖେମୁଣ୍ଡି,୧୨।୫(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡ଼ିୟମରେ ସିଏମ୍ ଟ୍ରଫି ଅନ୍ତଃକ୍ଲବ ଓ ଅନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍ ଉଦଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଏଥିରେ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ ଓ ଭାରପ୍ରାପ୍ତ ଶାରିରୀକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଚାମ୍ପିଅନ୍‌ସିପ୍ ତିନି ଦିନ ଧରି ଚାଲିବ। ଏଥିରେ ୧୪ ବର୍ଷ ବୟସରୁ କମ ଉଭୟ ବାଳକ ବାଳିକା ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ୧୧ ଦଳ ଭାଗ ନେଇଛନ୍ତି। ୬ ବାଳକ ଦଳ ରହିଥିବା ବେଳେ ୫ ବାଳିକା ବର୍ଗରେ ଖେଳୁଛନ୍ତି। ସମସ୍ତ ଖେଳାଳିଙ୍କୁ ସରକାରଙ୍କ ପକ୍ଷରୁ ପୋଷାକ ସହ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ଆଜି ପ୍ରଥମ ଦିବସରେ ତିନୋଟି ମ୍ୟାଚ୍ ହୋଇଥିଲା। ମ୍ୟାଚକୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରିଚାଳନାରେ ସହଯୋଗ କରୁଛନ୍ତି। ଫାଇନାଲରେ ସଫଳ ଖେଳାଳି ଦଳକୁ ରାଜ୍ୟସ୍ତରୀୟ ସିଏମ୍ ଫୁଟବଲ୍ ଚାମ୍ପିଅନ୍‌ସିପ୍‌କୁ ମନୋନିତ କରାଯିବ।

# ୬୬ ଫୁଟ ରାସ୍ତା ପ୍ରଶସ୍ତୀକରଣ ନେଇ ଅନିଶ୍ଚିତତା; ବଢ଼ୁଛି ଅସନ୍ତୋଷ

**ପାରଳାଖେମୁଣ୍ଡି,୧୨।୫ (ସମିସ):**

ପାରଳାଖେମୁଣ୍ଡି ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ସମୟେ ସମୟେ କରାଯାଉଥିଲେ ମଧ୍ୟ ରାସ୍ତା ପ୍ରଶସ୍ତିକରଣର ନାଁ ଗନ୍ଧ ନାହିଁ। ସହରରେ ଦିନକୁ ଦିନ ଲୋକ ଓ ଯାନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେହି ପୁରୁଣା ଢାଞ୍ଚାରେ ରାସ୍ତା ଗଳିକନ୍ଦି ରହିଛି। ୧୮୮୫ ପୌରପରିଷଦ ସ୍ଥାପନ ହେବା ପରେ ଇଂରେଜ ଶାସନଠାରୁ ଆରମ୍ଭ କରି ରଜାରାଜୁଡା ଶାସନ, ଦେଶ ସ୍ୱାଧୀନତା ପରେ ଗଣତନ୍ତ୍ର ପଦ୍ଧତିରେ ଶାସନ ଚାଲିଛି। ହେଲେ ସେହି ରାଜାରାଜୁଡା ଅମଳରେ ଯେତିକି ରାସ୍ତାଘାଟ ହୋଇଛି ସେତିକିରେ ରହିଯାଇଛି। ବଦଳିଛି ମାନେ ରାସ୍ତା ତଟରେ ଥିବା ମାଟି ଗୁଡିକ ଉପରେ ପିଚୁ କିମ୍ବା ସିମେଣ୍ଟ କଂକ୍ରିଟ ପକାଇ ଦିଆଯାଇଛି। ପ୍ରଶସ୍ତିକରଣ ହୋଇପାରୁ ନଥିବାରୁ ଉଭୟ ଜନ ଓ ଯାନ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପରିଷଦ ଅନ୍ତର୍ଗତରେ ସହରର ମୁଖ୍ୟ ରାସ୍ତା ଓ ନାଳ ରହିଥିବା ସମୟରେ ଦୂରାବସ୍ଥା ଥିଲା। ଯାହାକୁ ଦୃଷ୍ଟିରେ ରଖି ମୁଖ୍ୟରାସ୍ତା ଓ ନାଳର ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତବିଭାଗକୁ ନ୍ୟସ୍ତ କରାଯାଇଥିଲା। ହେଲେ ସେହି ପୂର୍ବାବସ୍ଥାରେ ହିଁ ରହିଛି। ଦିନକୁ ଦିନ ଟ୍ରାଫିକ୍ ଅହେତୁକ ବୃଦ୍ଧି ପାଉଛି। ଏପରି ସ୍ଥଳେ ପୂର୍ବତନ ସରକାର ପ୍ରଶସ୍ତିକରଣ ପାଇଁ ଅଣ୍ଟା ଭିଡିଥିଲେ। ସହରରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ୧୯୯୨ ମସିହାରେ ଜିଲ୍ଲା ଗଠନ ହେବା ପରେ ମଧ୍ୟ ଏହାର ରୂପରେଖ ବଦଳିନି। ଜିଲ୍ଲା ସଦରମହକୁମା ହୋଇଥିବା ଯୋଗୁଁ ୭ ବ୍ଲକର ଜନସାଧାରଣ ଏହି ସହର ଉପରେ ନିର୍ଭର କରିଥାନ୍ତି। ସେପଟେ ପଡୋଶୀ ଆନ୍ଧ୍ର ପ୍ରଦେଶର ସୀମାନ୍ତବର୍ତ୍ତୀ ଗ୍ରାମ ମଧ୍ୟରେ ସହରାଞ୍ଚଳ ନଥିବା ଯୋଗୁଁ ସେମାନେ ମଧ୍ୟ ଏହି ସହର ଉପରେ ମେଡିକାଲ, ବଜାର ଆଦି ଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ ଉପରେ ନିର୍ଭର କରିଥାନ୍ତି। ତେଣୁ ଏହି ସହର ସଦାସର୍ବଦା ଚଳଚଞ୍ଚଳ ହୋଇଥାଏ। ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବାହାର ରାଜ୍ୟର ଲୋକଙ୍କ ଯାତାୟତ ଯୋଗୁଁ ଟ୍ରାଫିକ ସମସ୍ୟା ଲାଗିରହିଛି। ନା ରାସ୍ତାଘାଟର ସଂପ୍ରସାରଣ ହେଉଛି ନାଁ ସହରର ବିକାଶ ହେଉଛି।





ଗତ ବର୍ଷ ମେ' ମାସରେ ରାସ୍ତା ପ୍ରଶସ୍ତିକରଣ ଓ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପୁଣି କାମ ଆରମ୍ଭ କରାଯାଇଥିଲା। ହେଲେ ୪୪ ଫୁଟ ରାସ୍ତା ପ୍ରଶସ୍ତିକରଣ କରାଯିବା ବିଷୟ ଜାଣିବା ପରେ ଚୌଡାକୁ ନେଇ ସହରବାସୀ ଓ ବିଜେପି ପକ୍ଷରୁ ବିରୋଧ କରାଯାଇଥିଲା। ସହରବାସୀ ଓ ବିଜେପି ପକ୍ଷରୁ ୬୬ ଫୁଟ ପ୍ରଶସ୍ତିକରଣ ପାଇଁ ଦାବି କରାଯାଇଥିଲା। ଏଭଳି ସ୍ଥିତିରେ ପୁଣି ପ୍ରଶସ୍ତିକରଣ କାମ ବନ୍ଦ ରହିଛି। ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ କ୍ରିଷ୍ଣା ସିନେମାହଲ ସମ୍ମୁଖ ଠାରୁ ବାଇପାସ୍ ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତାକୁ ଚଉଡା କରିବା ଉଦ୍ଦେଶ୍ୟରେ ସେତେବେଳେ ହିଁ ଜବରଦଖଲ କରି ମେଟାଲିଂ ଆଦି କରାଯାଇଛି। ଯାହାକି ଆଜି ପର୍ଯ୍ୟନ୍ତ ସେହି ମେଟାଲିଂରେ ରହିଯାଇଛି। ରାସ୍ତାର ଦୁଇ ପାଶ୍ୱର୍ରେ ସେମିତି ହିଁ ମେଟାଲ ବିକ୍ଷୀପ୍ତ ହୋଇ ପଡ଼ିଛି। ହେଲେ ଏବେ କେତେ ଦିନ ହେଲା ନାୟରା ପେଟ୍ରୋଲ ପମ୍ପ ନିକଟରେ ପୂର୍ତ୍ତ ବିଭାଗ ଏକ ନାଳ କାମ ଆରମ୍ଭ କରିଛି। ଯାହାକି ୬୬ ଫୁଟ ରାସ୍ତା ହେବା ଅନିଶ୍ଚିତତା ଘେରକୁ ଚାଲିଯାଇଛି। ନାଳ ୬୬ ଫୁଟ ରାସ୍ତା ହେବା ଉଦ୍ଦେଶ୍ୟରେ ହେଉନଥିବା ଅନୁମାନ କରିଛନ୍ତି ସହରବାସୀ। ଏହି ନାଳକୁ ଦେଖିଲେ ୫୦ ଫୁଟରୁ କମ୍ ରାସ୍ତା ହେବା ଅନୁମାନ କରୁଛନ୍ତି ସହରବାସୀ। କାରଣ ଜବରଦଖଲ ଉଚ୍ଛେଦ ସମୟରେ ଯେଉଁ ମାର୍କିଂ କରାଯାଇଥିଲା ତାହାକୁ ଲକ୍ଷ୍ୟ ନକରି ନାଳି ନିର୍ମାଣ ହେଉଛି। ମାର୍କିଂ ସ୍ଥଳ ପୂର୍ବରୁ ନାଳ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏପରି ନାଳ ହେଲେ ରାସ୍ତା ସମ୍ପ୍ରସାରଣ ବା ପ୍ରଶସ୍ତିକରଣ ହେବ କ'ଣ ଓଲଟି ସଂକୀର୍ଣ୍ଣ ହୋଇଯିବ ବୋଲି ମତ ପ୍ରକାଶ କରୁଛନ୍ତି ଲୋକେ। ଯାହାକୁ ନେଇ ସହରର ବିଭିନ୍ନ ବର୍ଗର ଲୋକେ ପୂର୍ତ୍ତ ବିଭାଗର ଏପରି କାର୍ଯ୍ୟକୁ ନାପସନ୍ଦ କରିବା ସହ ୬୬ ଫୁଟ ରାସ୍ତା ଚଉଡା ଉଦ୍ଦେଶ୍ୟରେ ନାଳ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

**ଅନୁଦାନ ମିଳୁନି**

# ଜରାଜୀର୍ଣ୍ଣ ଅବସ୍ଥାରେ ଆଦିବାସୀ ସଂଗ୍ରହାଳୟ






**ଗୁମ୍ମା,୧୨।୫(ସମିସ):** ସରକାରଙ୍କ ଆଦିବାସୀ ମଙ୍ଗଳ ବିଭାଗର ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଏବେ ସମ୍ପୂର୍ଣ୍ଣ ବନ୍ଦ ପଡିଛି। ବର୍ଷ ତମାମ ଫାଟକରେ ତାଲା ଝୁଲୁଥିବା ବେଳେ ବିଭାଗ ଥାଇ ମଧ୍ୟ ନଥିବା ସଦୃଶ ହୋଇଛି। ବିଶେଷ କରି ଗଜପତି ଜିଲ୍ଲା ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ମୂଳ ଆଦିବାସୀ ଲାଞ୍ଜିଆ ସଉରା ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ଆଦିବାସୀ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଲାଞ୍ଜିଆ ସଉରା ଜନଜାତିର ବିକାଶ ପାଇଁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ଗୁମ୍ମା ବ୍ଲକର ସେରଙ୍ଗରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଏବଂ କାର୍ଯ୍ୟାଳୟ ପରିସର ମଧ୍ୟରେ ଆକର୍ଷଣୀୟ ସଂଗ୍ରହାଳୟ ମଧ୍ୟ ରହିଛି। ସଂଗ୍ରହାଳୟ ମଧ୍ୟରେ ଆଦିବାସୀଙ୍କ ସ୍ମୃତିକୁ ସାଇତି ରଖିବା ନିମନ୍ତେ ସେମାନଙ୍କ ପାରମ୍ପରିକ ପୋଷାକ, ବେଶଭୂଷା, ଗହଣା, ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର, ପୁସ୍ତକ, ପୁରାତନ



ଲିପି, ଖାଦ୍ୟ ସାମଗ୍ରୀ, ଘର କରଣା ଆଦି ସାମଗ୍ରୀ ଏପରିକି ଏକ ଆଦିବାସୀଙ୍କ ଚାଳ କୁଡିଆ ଘରର ନମୂନା ପ୍ରଦର୍ଶନ ନିମନ୍ତେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ପିଢ଼ି ତଥା ଆଧୁନିକ ସମାଜ ନିମନ୍ତେ ବହୁମୂଲ୍ୟ ସ୍ମୃତି ଭାବେ ରଖିବା ଉଦ୍ଦେଶ୍ୟ ଥିଲା। କିନ୍ତୁ ତାହା ଏବେ ନଷ୍ଟ ହେବାରେ ଲାଗିଛି।

ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ପ୍ରକାରେ, ବର୍ଷ ବର୍ଷ ଧରି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ି ରହିବା ଫଳରେ କେହି ପର୍ଯ୍ୟଟକ କିମ୍ବା ଦର୍ଶକ ସଂଗ୍ରହାଳୟ ବୁଲି ଦେଖିପାରୁନାହାନ୍ତି। ଯାହାକୁ ନେଇ ଅଞ୍ଚଳର ସନିୟା ମଣ୍ଡଳ ଓ ଜକ୍ଷ ଗମଙ୍ଗୋ କ୍ଷୋଭ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାର ଓ କର୍ମଚାରୀ କାର୍ଯ୍ୟ ନ କରି ଘରେ ବସି ମାସିକ ବେତନ ପାଉଥିବା ଅଭିଯୋଗ ହେଉଛି। ଏନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ କହିବା ଅନୁଯାୟୀ, ୨୦୨୪ ମସିହାଠାରୁ ଆଉ ଅନୁଦାନ ମିଳୁନାହିଁ। ଅର୍ଥାଭାବରୁ ପରିଚାଳନରେ ସମସ୍ୟା ଦେଖାଦେଇଛି। ସରକାର ଏ ଦିଗରେ ଚିନ୍ତା କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

